

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୪ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 14 JUNE 2023

Vol.No. 34 ■ No. 157■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

DADLS-70



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ

ରଜ ଶୁଭେଚ୍ଛା

ଓଡ଼ିଆଙ୍କ ପ୍ରିୟ ପର୍ବ ରଜ ଅବସରରେ ଓଡ଼ିଶାବାସୀ ବିଶେଷକରି ଆମର ମା' ଓ ଝିଅମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ରଜ ଧରଣୀମାତାଙ୍କ ଉପାସନାର ଅନନ୍ୟ ପର୍ବ । ନାରୀତ୍ୱର ମହନୀୟତାର ପର୍ବ । ସମାଜରେ ନାରୀର ଅବଦାନକୁ କୃତଜ୍ଞତା ଜଣାଇବାର ପର୍ବ ।

ଏହି ଅବସରରେ ଆସନ୍ତୁ, ଛୋଟ ଝିଅଙ୍କ ଠାରୁ ଆରମ୍ଭ କରି ଆମର ମା'ମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପୋଷଣ, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଯତ୍ନଶୀଳ ହେବା ଏବଂ ସେମାନଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଓ ଏକ ସୁସ୍ଥ ସମାଜ ଗଠନ ପାଇଁ କାମ କରିବା ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

OIPR: 15001/13/0054/2324

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ବଢିଲା ମୃତ୍ୟୁ ସଂଖ୍ୟା ଏସସିବିରେ ଚିକିତ୍ସାଧୀନ ଆହତଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି । ଦୁର୍ଘଟଣାରେ ଜଣେ ଆହତଙ୍କ କଟକ ଏସସିବିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ମୃତକ ହେଲେ ବିହାରର ବିଜୟ ପାଶୱାନ । ଗୁରୁତର ଆହତ ହୋଇଥିବା ବିଜୟ ଏସସିବିର ସେଂଟ୍ରାଲ ଆଇସିୟୁରେ ରହି ବିଜୟ ଚିକିତ୍ସିତ ହେଉଥିଲେ ।

ଆଜି ସକାଳେ ତାଙ୍କର ମୃତ୍ୟୁ ଘଟିଥିବା ମେଡିକାଲ୍ ପକ୍ଷରୁ ସୂଚନା ମିଳିଛି । ସୂଚନାଥାଉ କି, ଗତ ୨ ତାରିଖରେ କୋଲକାତାରୁ ଚେନ୍ନାଇକୁ ଯାଉଥିବା କରମଣ୍ଡଳ ଏକ୍ସପ୍ରେସ୍ ବାହାନଗା ଷ୍ଟେସନ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ୨୮୮ ଜଣଙ୍କର ମୃତ୍ୟୁ ଘଟିଥିଲା ଓ ୧୨ଶହରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ । ଆଜି ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କ ମୃତ୍ୟୁ ପରେ ମୃତକଙ୍କ ସଂଖ୍ୟା ୨୮୯ରେ ପହଂଚିଛି ।

ବିଜୁଳି କାଟ୍ ପ୍ରତିବାଦରେ ଆଜିଠୁ ଟାଟା ପାୱାରର ସବୁ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବ ବିଜେପି

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ରାଜ୍ୟରେ ଘନ ଘନ ବିଦ୍ୟୁତ୍ କାଟ୍ , ଶକ୍ତି ବିଭାଗର ବିଫଳତା ଏବଂ ରାଜ୍ୟ ସରକାରଙ୍କ ଟାଟା ପାୱାର କଂପାନୀ ପ୍ରୀତି ପ୍ରତିବାଦରେ ଭାରତୀୟ ଜନତା ପାର୍ଟୀ ତରଫରୁ ଆସନ୍ତା କାଲି ଜୁନ୍ ୧୪ ଓ ୧୫ ତାରିଖରେ ସାରା ରାଜ୍ୟରେ ଥିବା ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ବିଜୁଳି ବିତରଣ କଂପାନୀ ଟାଟା ପାୱାରର ଅରାଜକତା ସମସ୍ତ ସୀମା ଉଲ୍ଲଂଘନ କରିଛି । ସରକାରଙ୍କ ନିୟନ୍ତ୍ରଣ ବାହାରେ ଟାଟା ପାୱାର ଅଛି ଏବଂ ସାଧାରଣ ଉପଭୋକ୍ତା ନାହିଁ ନଥିବା କଷ୍ଟ ଭୋଗୁଛନ୍ତି । ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରୀ ରହିଥିବାବେଳେ ସାମାନ୍ୟ ବର୍ଷା, ପବନ, ଧୂଳିଝଡରେ ଯେଉଁଭଳି ଭାବରେ ମନଇଚ୍ଛା ବିଦ୍ୟୁତ୍ କାଟ କରାଯାଉଛି, ତାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ । ୪୫ ଡିଗ୍ରୀ ଖରାରେ ଲୋକେ ହନ୍ତସନ୍ତ ହେଉଛନ୍ତି । ସାଧାରଣ ଉପଭୋକ୍ତା, ବୁଦ୍ଧିଜୀବି, ଗଣମାଧ୍ୟମ, ସ୍ୱେଚ୍ଛାସେବୀ ସଂଗଠନ ଓ ରାଜନୈତିକ ଦଳଗୁଡିକ ବିଜୁଳି କାଟ୍ ପ୍ରତିବାଦରେ ସ୍ୱର ଉତୋଳନ କଲେ ସୁଦ୍ଧା ଉଭୟ ଟାଟା ପାୱାର ଏବଂ ରାଜ୍ୟ ସରକାର ଜବାବ୍ ଦେଉନାହାନ୍ତି । କେବଳ ମାତ୍ର ବିଜୁଳି ବିତରଣ ପାଇଁ ଅନୁବନ୍ଧିତ ହୋଇଥିବା ଗୋଟିଏ ଘରୋଇ କଂପାନୀ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଅହେତୁକ ଅନୁକଂପା ସବୁଠୁ ବଡ ପ୍ରଶ୍ନ ହୋଇ ଛିଡା ହୋଇଛି । ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମରେ ବିଜୁଳି କଟ୍ ହେବା ଭଳି ଦୁର୍ଭାଗ୍ୟପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି । ▶▶ପୃଷ୍ଠା ୭

ଆଜି ରଜ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ରାତି ପାହିଲେ ରଜ । ଓଡିଶାର ଗଣପର୍ବ ରଜ ପାଳନକୁ ନେଇ ଉତ୍ସବମୁଖର ହେଲାଣି ଗାଁ ଠୁ ସହର । ପିଠାର ମହକ ପୁରପଲ୍ଲୀରେ ବାସିଲାଣି । ଝିଅ ବୋହୂମାନେ ସଜବାଜ ହେଲେଣି । ଦୋଳି ବନ୍ଧା ଶେଷ ହୋଇଥିବା ବେଳେ ବିଭିନ୍ନ ଖେଳ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଶେଷ ହେଲାଣି । ଆଷାଢ ମାସର ଏହି ପର୍ବକୁ ପାଳନ କରିବାକୁ ସମସ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି । ରଜର ପୂର୍ବ ଦିନ ଅର୍ଥାତ୍ ମଙ୍ଗଳବାର ହେଉଛି ସଜବାଜ । ରଜର ପୂର୍ବ ପ୍ରସ୍ତୁତି ସ୍ୱରୂପ ସଜବାଜରେ ଲାଗିପଡ଼ିଲେଣି ଝିଅବୋହୂ । ପରସ୍ପରକୁ ଅଳତା, କୁଂକୁମ, ମେହେନ୍ଦୀ ଲଗାଇ ଦେବା ସହ ଦୋଳି ଖେଳିବା ପାଇଁ ପ୍ରସ୍ତୁତ ହେଲେଣି । ▶▶ପୃଷ୍ଠା ୭

ଉତର ଭାରତରେ ଭୂକମ୍ପର ଝଟକା

ନୂଆଦିଲ୍ଲୀ,୧୩/୦୬ : ଦିଲ୍ଲୀ ସମେତ ଉତର ଭାରତରେ ମଙ୍ଗଳବାର ଦିନ ଭୂକମ୍ପ ଝଟ୍ କା ଅନୁଭୂତ ହୋଇଛି । ଦିଲ୍ଲୀର ବିଭିନ୍ନ ଅଂଚଳ ସହ ମୋହାଲି, ପଂଚକୂଲା, ଜାମ୍ମୁ-କାଶ୍ମୀରରେ ଏହି ଭୂକମ୍ପ ଝଟ୍ କା ବିଶେଷ ଭାବେ ଅନୁଭୂତ ହୋଇଛି । ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୭ ଥିବା ସୂଚନା ମିଳିଛି । ଆଜି ଅପରାହ୍ନ ପ୍ରାୟ ସାଢ଼େ ୧ଟା ବେଳେ ଲୋକେ ଭୂକମ୍ପ ଅନୁଭବ କରି ଘର ବାହାରକୁ ଦୌଡ଼ି ପଳାଇ ଆସିଥିଲେ । ତେବେ ଏଥିରେ ଧନସମ୍ପତି ହାନି ନେଇ ପୂରା ସୂଚନା ମିଳିପାରିନି ।

B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

BRANCH FOR DIPLOMA ENGG.

- Mechanical Engineering
- Electrical Engineering
- Civil Engineering
- E. & T. C. Engineering
- Comp. Sc. & Engineering

FREE Admission for SC & ST Students

TRADE IN ITI

• Electrician • Fitter • Welder (1 Year)

LATERAL ENTRY ADMISSION (FOR ITI & +2 SCIENCE STUDENTS)

Walk-in-interview on 19.06.23

• Lecturer in Mechanical, Electrical, Civil, Comp. Sc., Physics & Mathematics • Lab Asst. in Mechanical, Electrical, Civil, Comp. Sc.

Contact No. : 9861947995, 8270317712

E-mail ID : bit_balasore@rediffmail.com

Place of Interview : IET Samalpur, Balasore

ବାହାରିଲା ନିଟ୍ ରେଜଲ୍ଟ: ଦୁଇ ଜଣଙ୍କୁ ୯୯.୯୯% ମାର୍କ

ନୂଆଦିଲ୍ଲୀ, ୧୩/୦୬ (ନି.ପ୍ର): ପ୍ରକାଶ ପାଇଛି ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ-ୟୁଜି ୨୦୨୩ର ରେଜଲ୍ଟ । ନ୍ୟାଶନାଲ ଟେଷ୍ଟ ଏଜେନ୍ସି (ଏନଏଟି) ଟ୍ୱିଟ କରି ଏହି ସୂଚନା ଦେଇଛି । ଚଳିତ ବର୍ଷ ୨ ଜଣ ଶିକ୍ଷାର୍ଥୀ ଟପ୍ପର ହେବା ସହ ୯୯.୯୯% ମାର୍କ ରଖିଛନ୍ତି । ତାମିଲନାଡୁର ପ୍ରଭଞ୍ଜନ ଜେ ଓ ଆନ୍ଧ୍ର ପ୍ରଦେଶର ବୋରା ବରୁଣ ଚକ୍ରବର୍ତ୍ତି ନିଟ୍ ୟୁଜି-୨୦୨୩ ପରୀକ୍ଷାରେ ୯୯.୯୯% ମାର୍କ ରଖିଛନ୍ତି । ଟପ୍ ୫୦ ଜଣଙ୍କ ମଧ୍ୟରେ ଓଡ଼ିଶାର ୨ ଶିକ୍ଷାର୍ଥୀ ରହିଛନ୍ତି । ୮ମ ସ୍ଥାନରେ ଓଡ଼ିଶାର ସ୍ୱୟଂଶକ୍ତି ତ୍ରିପାଠୀ ଓ ୩୫ତମ ରାଙ୍କରେ ଓଡ଼ିଶାର ସୂର୍ଯ୍ୟପ୍ରତାପ ମିଶ୍ର ଅଛନ୍ତି । ସେହିପରି ଟପ୍ ୨୦ ମହିଳା ଶିକ୍ଷାର୍ଥୀଙ୍କ ଭିତରେ ବି ଜଣେ ଓଡ଼ିଆ ରହିଛନ୍ତି । ଅଭିପସା ଚୌଧୁରୀ ଓଭରଅଲ ରାଙ୍କର ୬୪ତମ ସ୍ଥାନରେ ଥିଲେ ହେଁ ମହିଳାଙ୍କ ମଧ୍ୟରେ ସେ ଟପ୍ ୨୦ରେ ରହିଛନ୍ତି । ▶▶ପୃଷ୍ଠା ୭

ପାଚିକା -ସହାୟିକାମାନଙ୍କୁ ଭତ୍ତା ବାଂଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଲୋକସେବା ଭବନରେ ରାଜ୍ୟର ବିଦ୍ୟାଳୟ ଗୁଡିକରେ ନିୟୋଜିତ ଥିବା ପାଚିକା-ସହାୟିକା ମାନଙ୍କ ପାଇଁ ୧୧୭ .୭୩ କୋଟି ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରିଥିବା ବେଳେ ଶାଢ଼ି ପାଇଁ ଭତା ମଧ୍ୟ ପ୍ରଦାନ କରିଛନ୍ତି । ଆର୍ଥିକ ସହାୟତା ଭାବେ ୧୧୭.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଛି ଏବଂ ପ୍ରତ୍ୟେକ ପାଚିକା ଓ ସହାୟିକାଙ୍କୁ ସାଢି ପାଇଁ ୫୦୦ ଟଙ୍କା ଲେଖାଏ ଭତା ପ୍ରଦାନ କରାଯାଇଛି । ରାଜ୍ୟର ଏକ ଲକ୍ଷ ନଅ ହଜାର ପାଚିକାଙ୍କ ବ୍ୟାଙ୍କ ଆକାଉଂଟକୁ ୫.୪୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ପିଲାମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ତଥା ପୁଷ୍ଟି ନିରାପତା ପାଇଁ ମଧ୍ୟାହ୍ନ ଭୋଜନର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ । ପାଚିକା ଓ ସହାୟିକାମାନେ ଏହି ଗୁରୁ ଦାୟିତ୍ୱ ବହନ କରୁଛନ୍ତି । ୫୦ ହଜାର ରୁ ଅଧିକ ସ୍କୁଲରେ ୪୫ ଲକ୍ଷରୁ ଅଧିକ ପିଲା ପଢୁଛନ୍ତି । ଆପଣମାନେ ମା ପରି ଏ ସବୁ ପିଲାମାନଙ୍କର ଖାଇବା ଦାୟିତ୍ୱ ନେଇଛନ୍ତି । ତେଣୁ ସାରା ସମାଜ ଆପଣମାନଙ୍କ ନିକଟରେ ଋଣୀ ବୋଲି

ମୁଖ୍ୟମନ୍ତ୍ରୀ କହିଥିଲେ । ୪୭୩୦ ମିଶନ ଶକ୍ତି ଗୋଷ୍ଠୀଙ୍କ ଜରିଆରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚାଲିଛି । ଅନ୍ୟାନ୍ୟ ସବୁ ଦାୟିତ୍ୱ ପରି ଏ ଦାୟିତ୍ୱ ମଧ୍ୟ ଆପଣମାନେ ଭଲ ଭାବରେ ପାଳନ କରୁଛନ୍ତି । ମିଶନ ଶକ୍ତିର ସୁନାମ ଦିନକୁ ଦିନ ବଢି ଚାଲିଛି ବୋଲି ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମିଶନ ଶକ୍ତି ଜରିଆରେ ▶▶ପୃଷ୍ଠା ୭

୧୩ ଦିନରେ ମିଳିତ ଅମଲା ସଂଘର ଆନ୍ଦୋଳନ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ୨୦୧୭ ମସିହାରୁ ଜିଲ୍ଲାସ୍ତରରେ କିରାଣୀ ମାନଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହ କମ୍ପୁଟର ଜ୍ଞାନ ରାଜ୍ୟ ସରକାର ସ୍ଥିର କରିଥିଲେ ହେଁ ସେମାନଙ୍କ ଦରମାରେ କୌଣସି ପରିବର୍ତ୍ତନ କରାଗଲା ନାହିଁ । ସରକାରଙ୍କର ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ କରୁଥିବା ଏହି ବର୍ଗର କର୍ମଚାରୀଙ୍କୁ ବାଦ ଦେଇ ଅନ୍ୟ କୌଣସି ସ୍ନାତକ ଯୋଗ୍ୟତାସମ୍ପନ୍ନ କ୍ୟାଡ଼ର ୧୯୦୦ ଗ୍ରେଡ୍ ପେରେ ନାହାଁନ୍ତି, ଏହା କହିବା ବାହୁଲ୍ୟ । ଏଭଳି ହୀନମନ୍ୟତା ଓ ପାତରଅନ୍ତର ନିତିକୁ ସଂଶୋଧନ କରିବା ପାଇଁ ଅମଲାମାନଙ୍କ ସଂଗଠନ ତରଫରୁ ବହୁ ଅନୁରୋଧ ସରକାରଙ୍କୁ ଜଣାଇ ଦିଆଯାଇଥିଲେ ମଧ୍ୟ ତାର କୌଣସି ସମାଧାନ ହୋଇପାରି ନାହିଁ । ଏହି ୪୨୦୦ ଗ୍ରେଡ୍‌ପେ ଲେବୁଲ-୯ର ଦାବି ନେଇ ଅମଲା କର୍ମଚାରୀମାନଙ୍କର ତା ୨୭.୧୧.୨୦୨୨ରିଖରେ ରାଜ୍ୟ ରାଜଧାନୀରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା । ଆଶା ଥିଲା ସରକାର ଏହି ଅବହେଳିତ ବର୍ଗ କର୍ମଚାରୀଙ୍କ ସମସ୍ୟାକୁ ସହୃଦୟର ସହ ସମାଧାନ କରିବେ । କିନ୍ତୁ ମାର୍ଚ୍ଚ ୨୦୨୩ ଯାଏ ଏହି ସମସ୍ୟା ସମସ୍ୟାରେ ରହିବାରୁ କର୍ମଚାରୀ ସଂଗଠନମାନେ ତା ୦୯.୦୪.୨୦୨୩ ଭୁବନେଶ୍ୱରସ୍ଥ ଗୀତଗୋବିନ୍ଦ ଭବନରେ ଏକାଠି ▶▶ପୃଷ୍ଠା ୭

ଆଜିବି ଜଳିଲା ପଶ୍ଚିମ ଓଡିଶା: ଉପକୂଳରେ ଆଶ୍ୱସ୍ତି

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ କେନ୍ଦ୍ର । ମଙ୍ଗଳବାର ଦିନ ରାଜ୍ୟର ଉପକୂଳ ଜିଲ୍ଲାଗୁଡିକରେ ଆକାଶ ମେଘାଚ୍ଛନ୍ନ ରହିଥିବା ବେଳେ ତାପମାତ୍ରା ଖସିଛି । ଅନ୍ୟପକ୍ଷରେ ପଶ୍ଚିମ ଓଡିଶାରେ ପୂର୍ବଭଳି ତାତି ଜାରି ରହିଛି । ଆଜି ସମ୍ବଲପୁର ପାଲଟିଛି ଉତପ୍ତ ସହର । ଏଠାରେ ତାପମାତ୍ରା ୪୪.୩ ଡିଗ୍ରୀ ରେକର୍ଡ୍ କରାଯାଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ସମ୍ବଲପୁର ପଛକୁ ହୀରାକୁଦରେ ୪୩.୭ ଡିଗ୍ରୀ, ଝାରସୁଗୁଡ଼ାରେ ୪୩.୪ ଡିଗ୍ରୀ, ସୁନ୍ଦରଗଡ଼ରେ ୪୨.୮ ଡିଗ୍ରୀ, ଦେବଗଡ଼ରେ ୪୨.୮ ଡିଗ୍ରୀ, ରାଉରକେଲାରେ ୪୨.୬ ଡିଗ୍ରୀ, ବଲାଙ୍ଗିରରେ ୪୨.୫ ଡିଗ୍ରୀ, ବୌଦ୍ଧରେ ୪୨.୫ ଡିଗ୍ରୀ, ନୂଆପଡ଼ାରେ ୪୨.୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ସେହିପରି ଅନୁଗୁଳରେ ୪୧.୭ ଡିଗ୍ରୀ, ବରଗଡ଼ରେ ୪୧.୬ ଡିଗ୍ରୀ, ସୋନପୁରରେ ୪୧.୩ ଡିଗ୍ରୀ, ତାଳଚେରରେ ୪୧.୦ ଡିଗ୍ରୀ, ଫୁଲବାଣୀରେ ୪୧.୦ ଡିଗ୍ରୀ, ମାଲକାନଗିରିରେ ୪୧.୦ ଡିଗ୍ରୀ, ବାରିପଦାରେ ୪୦.୫ ଡିଗ୍ରୀ, କେନ୍ଦୁଝରରେ ୪୦.୧ ଡିଗ୍ରୀ ଓ ଟିଟିଲାଗଡ଼ରେ ୪୦.୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ସେହିପରି ବାଲେଶ୍ୱରରେ ୩୯.୪ ଡିଗ୍ରୀ, ଢେଙ୍କାନାଳରେ ୩୮.୯ ଡିଗ୍ରୀ, ଭବାନୀ ପାଟଣାରେ ୩୮.୮ ଡିଗ୍ରୀ, ନବରଙ୍ଗପୁରରେ ୩୮.୬ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୮.୦ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୩୬.୫ ଡିଗ୍ରୀ, ଯାଜପୁରରେ ୩୬.୫ ଡିଗ୍ରୀ, ଚାନ୍ଦବାଲିରେ ୩୬.୨ ଡିଗ୍ରୀ, ପାରାଦୀପରେ ୩୬.୨ ଡିଗ୍ରୀ, କୋରାପୁଟରେ ୩୬.୦ ଡିଗ୍ରୀ, କଟକରେ ୩୫.୮ ଡିଗ୍ରୀ, ନୟାଗଡ଼ରେ ୩୫.୮ ଡିଗ୍ରୀ, ବ୍ରହ୍ମପୁରରେ ୩୪.୫ ଡିଗ୍ରୀ, ଭୁବନେଶ୍ୱରରେ ୩୪.୨ ଡିଗ୍ରୀ, ଖୋର୍ଦ୍ଧାରେ ୩୪.୦ ଡିଗ୍ରୀ, ଜଗତସିଂହପୁରରେ ୩୩.୬ ଡିଗ୍ରୀ, ପୁରୀରେ ୩୨.୦ ଡିଗ୍ରୀ ଓ ଗୋପାଳପୁରରେ ୩୨.୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ଆୟ ବର୍ହିଭୂତ ସମ୍ପତି ଠୁଳ ମାମଲା : କଟକ ସଦର ବ୍ଲକ୍ ସହକାରୀ ଯନ୍ତ୍ରୀ ଗିରଫ

ଭୁବନେଶ୍ୱର, ୧୩/୦୬ (ନି.ପ୍ର): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ କଟକ ସଦର ବ୍ଲକ୍ ସହକାରୀ ଯନ୍ତ୍ରୀ ବିକାଶ ଚନ୍ଦ୍ର ଭୂୟାଁଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ । ଗତକାଲି ଶ୍ରୀ ଭୂୟାଁଙ୍କର ଘର, ଅଫିସ ଓ ସଂପର୍କୀୟଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢଉ କରାଯାଇଥିଲା । ଯନ୍ତ୍ରୀ ଶ୍ରୀ ଭୂୟାଁ ଆୟଠାରୁ ଢେର ଅଧିକ ସମ୍ପତି ଠୁଳ କରିଥିବା ନେଇ ଅଭିଯୋଗ ହେବା ଭିଜିଲାନସର ତିନୋଟି ଟିମ୍ ବିଭିନ୍ନ ସ୍ଥାନରେ ଚଢଉ କରି ଶ୍ରୀ ଭୂୟାଁଙ୍କ ନାମରେ ଥିବା କୋଟି କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତି ଜବତ କରିଛି । ▶▶ପୃଷ୍ଠା ୭

ଧ୍ୱନି ପ୍ରତିଧ୍ୱନି

ଆସ ବଉଳ ଆସ ସଙ୍ଗୀତ

ଲତିକା ମହାପାତ୍ର

ହୋଇବା ରଜ ସଜ
ପାଦେ ନାଇବା ସରୁ ଅଳିତା
ଝୁଣ୍ଟିଆ ଆଉ ପାଉଁଜ

ନଖରେ ଆମେ ଲଗାଇ ଦେଇ
ନଖ ପାଲିସି ରଙ୍ଗ
ପାର ମାଉସୀ କୁଆଡେ ଗଲ
କୁଞ୍ଚ ଟା ଟିକେ ଭାଙ୍ଗ.

ନାଲି ରିବନ ଯତନେ ବାନ୍ଧି
ପକାଅ ଛାଟ ବେଣୀ
କାଶ୍ମିରୀ ସ୍ନୋ ମୁହଁରେ ବୋଳି
ହୋଇବି ସଜ ପୁଣି

ସାଗରୀ ଅପା ପିଛିଲା ସନ
ଆଣିଥିଲେ ମୋ ପାଇଁ
ସମ୍ବଲପୁରୀ ନାଲିଆ ପାଟ
ପିନ୍ଧିବି ଆଜି ମୁହିଁ
ଝୁମୁରୀ ମାଇଁ ଶରଧା ହୋଇ
କାନ ଝୁମୁକା ହଳେ
ଖରା ଛୁଟିରେ ଦେଲେ ମକର
ପିନ୍ଧାଅ ଟିକେ ହେଳେ
ନୂଆବୋଉଙ୍କ ପୋଡିପିଠାର
ବାସେନା ଭାରି ଭଲ
ଆମ୍ବ ପଣସ ସପୁରୀ ଲିଚୁ
ଯାହାକୁ ଯେତେ ଫଳ

ବାଡ଼ି ଅଗଣା ପଣସ ଗଛେ
ହେଇଚି ବନ୍ଧା ଦୋଳି
ଆସ ମକର ଆସ ବଉଳ
ହୋଇବା କୋଳାକୋଳି

ଗାଇବା ଗୀତ ପାଳିବା ରଜ
ଖାଇବା ଖିଲି ପାନ
ଏସନ ରଜ ମଉଜ ପାଇଁ
ମନ ମୋ ଛନ୍ନ ଛନ୍ନ ।

ତାଳଚେର

ରଜ ହେଉଛି ଏକ ଉତ୍କଳୀୟ ଗଣପର୍ବ

କାଳିକିଙ୍କର

ପୁରାଣ ବା ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି ଯେ ଆଷାଢ଼ ମାସର ଆଦ୍ୟରୁ ମୁନିଋଷି, ସାଧବ, ସନ୍ୟାସୀ ଆଦି ବ୍ୟକ୍ତିମାନେ ଗୋଟିଏ ସ୍ଥାନରେ ବାସକରି ବିଶ୍ୱର କଲ୍ୟାଣ ପାଇଁ ଜପତପ କରନ୍ତି । ଉତ୍କଳୀୟ ଜନ ଜୀବନରେ ଏହି ପର୍ବର ମହତ୍ତ୍ୱ ଯଥେଷ୍ଟ । ଏହି ପର୍ବ କୃଷକମାନଙ୍କ ପାଇଁ କୃଷି ଅନୁକୂଳର ପର୍ବ । ଏହି ଦିବସରେ ସେମାନେ ମାଆ ବସୁଧାଙ୍କୁ ପୂଜା କରନ୍ତି ଓ ହଳ ଲଙ୍ଗଳ ସହ କୃଷି ଉପକରଣ ଆଦିର ମଧ୍ୟ ପୂଜା କରନ୍ତି । ଅକ୍ଷୟ ତୃତୀୟା ଦିନ ଅକ୍ଷୟ କୃଷିର ଅନୁକୂଳ କରୁଥିଲା ବେଳେ ରଜ ସଂକ୍ରାନ୍ତିରେ ସେମାନେ ମାଆ ବସୁଧା ଓ ମେଘରଜାଙ୍କର ଆରାଧନା କରନ୍ତି । ଏହି ଦିବସରୁ ପୃଥିବୀ ମାତା ରଜୋବତି ହୁଏ । ମାତିମାଆଙ୍କୁ ବର୍ଷାର ଜଳରେ ସିକ୍ତ ପ୍ରୀତ କରେ ମେଘରାଜା । କୃଷକ ହଳ ଲଙ୍ଗଳ ଓ କୃଷି ଉପଯୋଗୀ ଯନ୍ତ୍ରପାତି ଧରି କ୍ଷେତକୁ ବାହାରିଯାଏ । ମାଆ ବସୁଧାଙ୍କୁ ପୂଜାର୍ଚ୍ଚନା କରି ସଂସାରର ପ୍ରାଣୀଙ୍କ ଭୋକ ଦୂର କରିବାକୁ ପ୍ରାର୍ଥନା କରେ ।

ଓଡିଶା ହେଉଛି ନଦୀ ମାତୃକା ଦେଶ । ଏହି ଉତ୍କଳର ନଦୀ କୂଳରେ ଅବସ୍ଥିତ ବିସ୍ତୀର୍ଣ୍ଣ ସମତଳ ଭୂମି । ଏହି ସମତଳ ଭୂମିରେ ବାରମାସରେ କୃଷକ ବିଭିନ୍ନ ଫସଲ ଉପୁଜାଏ । ତେବେ ରଜ ସଂକ୍ରାନ୍ତି ବା ଆଷାଢ଼ମାସର ଆବାହନରୁ ଏହି କାର୍ଯ୍ୟର ଶୁଭାରମ୍ଭ ହୁଏ । ଏ ମାଟିର ମଣିଷ ମାଟି ମାଆ ପ୍ରତି କୃତଜ୍ଞତା ପ୍ରକାଶ କରନ୍ତି ।

ସେମିତି ମାଆ ବସୁନ୍ଧରା ରଜୋବତି ହେବାସହ କୁଆଁରୀ ଜୀବନ ସହ ଏକ ସୁନ୍ଦର ସମ୍ପର୍କ ଯୋଡି ହୋଇଯାଇଛି । ଝିଅଟିଏ ରଜୋବତି ହେବା ତାର ନାରୀ ଜୀବନର ଅୟମାରମ୍ଭ ବୋଲି କୁହାଯାଏ । ସେ ପ୍ରସ୍ତୁତ ହୁଏ ଏ ସଂସାରର ଦାୟିତ୍ୱ ନିଜ ମୁଣ୍ଡରେ ବହନ କରିବାକୁ । ଯେତେ ଦୁଃଖ କଷ୍ଟ ହେଉ ପଛେ ସେ ସଂସାର ଧର୍ମ ପାଳନ କରିବାର ଆତ୍ମପ୍ରସ୍ତୁତି ଆରମ୍ଭ କରେ । ଏହି ଦିବସ ବିଶ୍ୱକୁ ସୂଚେଇ ଦିଏ ଯେ ମାତୃଜାତି ପ୍ରକୃତରେ କେତେ ମହାନ । ଉତ୍କଳୀୟମାନେ ମାତୃଜାତିକୁ ପ୍ରାଧାନ୍ୟ ଦିଅନ୍ତି । ଏହାର ଭୂମି ହେଲା ମାଆ, ଗାଈ ହେଲା ମାଆ, ପ୍ରକୃତି ହେଲା ମାଆ, ପାଣି ହେଲା ମାଆ, କନ୍ୟା ହେଲେ ମାଆ ।



ରଜ ହେଉଛି ଉତ୍କଳୀୟଙ୍କର ସ୍ୱତନ୍ତ୍ର ପର୍ବ । ଧର୍ମପରାୟଣ ଉତ୍କଳୀୟମାନେ ବାରମାସରେ ତେରପର୍ବ ପାଳନ କରନ୍ତି । ଅଧିକାଂଶ ପର୍ବ ମାତୃକେନ୍ଦ୍ରିକ ବା ନାରୀ କୈନ୍ଦ୍ରିକ । ରଜପର୍ବ ଓଡ଼ିଶାରେ ଚାରିଦିନ ପାଳନ କରାଯାଏ । କେତେକ କହନ୍ତି ଯେ ଏହା ପାଞ୍ଚଦିନ ପାଳନ କରାଯାଏ । ପ୍ରଥମଦିନକୁ ସଜବାଜ କୁହାଯାଏ । କୁଆଁରୀ ଝିଅମାନେ ଏ ଦିନ ନିଜକୁ ସଜେଇ ହୁଅନ୍ତି । ଦୋଳି ଝୁଲନ୍ତି, ପୁଚି ଖେଳନ୍ତି, ପିଠାପଣା ଖାଆନ୍ତି । ସଜବାଜପରେ ଆସେ ପହଲି ରଜ । ପହଲି ରଜପରେ ଆସେ ରଜ ସଂକ୍ରାନ୍ତି । ତାପର ଦିନ ହେଲା ଦୋହନ ବା ତୃତୀୟ ରଜ । ଚତୁର୍ଥ ଦିନ ହେଲା ସ୍ନାନ ରଜ ।

ରଜରେ ଦୋଳି ଖେଳ ହୁଏ । ତାସ ପାନର ଆସର ବସେ । ଗାଁ ଗାଁରେ ମେଳା ମହୋତ୍ସବ ବସେ । କୁଆଁରୀ ମେଳା ମଧ୍ୟ ଲାଗେ । ରଜରେ ଅଧିକାଂଶ ଘରେ ପୋଡ଼ ପିଠା ହୁଏ । ବନ୍ଧୁବାନ୍ଧବ କୁଣିଆ ମୈତ୍ର ଆସନ୍ତି । ପୁଚି ଖେଳର ପ୍ରତିଯୋଗିତା ମଧ୍ୟ ହୁଏ । ପୁରୁଷମାନେ ରଜ ଦିନମାନଙ୍କରେ ସ୍ତ୍ରୀମାନଙ୍କୁ ତାଙ୍କ କାମରେ ସାହାଯ୍ୟ କରନ୍ତି । ଏମିତି କି ପରିବା କଟା, ବେସର ବଟା ରୋଷେଇ ମଧ୍ୟ ସ୍ତ୍ରୀ ମାନଙ୍କୁ ବିଶ୍ରାମ ଦିଅନ୍ତି । ଏହାକୁ ବିଶ୍ରାମ ନୁହେଁ ବରଂ ରଜ ସହଯୋଗ କୁହାଯାଏ ।

ରଜ ପର୍ବ ନାରୀ ଅସ୍ମିତାର ପର୍ବ । ପୃଥିବୀରେ ନାରୀ ବା କନ୍ୟାମାନଙ୍କ ଉପରେ କେତେକାଂଶରେ ଅତ୍ୟାଚାର ହେଉଥିଲାବେଳେ ଏ ପର୍ବ ସୂଚେଇ ଦିଏ ଯେ ନାରୀ ଅତ୍ୟନ୍ତ ଆଦର ଓ ସମ୍ମାନର ଜୀବନ । ତାଙ୍କୁ ଲକ୍ଷ୍ମୀ ବା ନାରାୟଣୀ ବୋଲି କୁହାଯାଏ । ନାରୀ ବିନା ପୁରୁଷର ବା ପୃଥିବୀର ଅସ୍ତିତ୍ୱ ଅସମ୍ଭବ ।

ଓଡ଼ିଆଙ୍କର ଏହି ମହାନ ପର୍ବ ଓଡ଼ିଆ ଜାତିର ସ୍ୱାଭିମାନ ଓ ଅଭିମାନର ପର୍ବ । ଏହାକୁ ପାଳନ କରିବା ସମୟରେ ଏ କଥା ଭୁଲିଯିବା ଉଚିତ ନୁହେଁ ଯେ ଆମର ଏହି ପର୍ବ ଆମ ଓଡ଼ିଆ ସଂସ୍କୃତିର ଗୌରବ ଗାଥା ବହନ କରିଛି । ସମସ୍ତଙ୍କୁ ଶ୍ରଦ୍ଧା ଓ ସମ୍ମାନ ଦେବା ସହ ଭଲପାଇବାର ମନ୍ତ୍ର ଏହି ରଜପର୍ବ ଦେଇ ଆସିଛି ।

ଯୋଗାଯୋଗ: ସୌଭାଗିନୀ
ନିବାସ, ରଟିଲୋ,
ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦୬୭

ରଜ: ଏକ କୃଷିଭିତ୍ତିକ ଓଡ଼ିଆ ପର୍ବ

କଣ୍ଟୁରୀ ଚରଣ ରାଉତ

କର୍ମକ୍ଲାନ୍ତ ଜୀବନରେ ଦିବ୍ୟ ଆନନ୍ଦାନୁଭୂତି ଓ ଆଧ୍ୟାତ୍ମିକ ଜ୍ଞାନର ଉପଲବ୍ଧି ହିଁ ପର୍ବ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ସେମିତି ସାମାଜିକ ମୂଲ୍ୟବୋଧ ଦୃଷ୍ଟିରୁ ରଜ ପର୍ବ ଏକ ମହାନ ପର୍ବ । ଏହା ସଂହତି ଓ ସଭ୍ୟତାର ବନ୍ଧନରେ ବନ୍ଧା ।ଜୀବନକୁ ସରସ, ସୁନ୍ଦର ଓ ଶୁଭଶ୍ରୀ କରିବାର ପର୍ବ ରଜ, ରାଗ ଓ ରଙ୍ଗର, କୌତୁହଳ ଓ କଲ୍ୟାଣର ପର୍ବ ରଜ। ଋତୁମତୀ ବସୁମତୀ; ତା'ରି ସବୁଜ ସ୍ନାନ ପାଇଁ ପ୍ରୀତିକାର ପର୍ବଟିଏ ରଜ ।

ରଜ ମୁଖ୍ୟତଃ ଏକ କୃଷି ପର୍ବ। କୃଷିରେ ଭୂମି ହେଉଛି ମୁଖ୍ୟ ଓ ପ୍ରଥମ । ସେଇ ଭୂମିକୁ କାମଧେନୁ କରି ଚିରଦିନ ଓଡ଼ିଆ ଜାତି ମନୁ ପରି ବସ୍ତା ହୋଇଛି ।ଋତୁମତୀ ମାଟି ମାଆର ପାଦକୁ ଦେବତାର ଆସନରେ ଆରୂଢ କରି ନିଷିଦ୍ଧ ତିନି ଦିନ ସମ୍ଭାବ୍ୟ ସୁନ୍ଦର ସୁଖରେ ମହୋତ୍ସବମୟ କରିଛି। ସାମାଜିକ ଯୋଗ୍ୟତା ଦେଇ ପର୍ବକୁ ସାର୍ବଜନୀନ କରିଛି ।

ଜ୍ୟେଷ୍ଠର ଶେଷ ଦିନରୁ ଆରମ୍ଭ ହୋଇ ତିନିଦିନ ଧରି ଓଡ଼ିଶାର ପୁରପଲ୍ଲୀରେ ପାଳିତ ହୁଏ ରଜ । ପ୍ରଥମ ଦିନ ପହିଲି ରଜ, ତା' ପର ଦିନ ରଜ ସଂକ୍ରାନ୍ତି ଓ ଶେଷ ଦିନ ଶେଷ ରଜ ବା ଭୂଇଁ ଦଅଣ କହନ୍ତି । ତିନି ଦିନ ରଜ ପାଳନ ଶେଷରେ ବସୁମତୀ ସ୍ନାନରେ ଉଦ୍-ଯାପନ ହୁଏ ।ଶାସ୍ତ୍ର ମତେ ମିଥୁନ ସଂକ୍ରାନ୍ତିରେ

ଋତୁମତୀ ହୁଏ ବସୁମତୀ । ପୁଣି ବସୁମତୀ ସ୍ନାନରେ ପର୍ବ ଶେଷ ହେବାର ବିଧି ।

ମିଥୁନ ପ୍ରଥମ ଦିନ ପିତା ଆକାଶ ଓ ମାତା ଧରିତ୍ରୀର ମିଳନ ଲଗ୍ନର ଆରମ୍ଭ ।ପହିଲି ଆଷାଢର ବାରିଧାରାରେ ମାଟି ମାଆ ସଦ୍ୟ ଉତ୍-ଫୁଲିତ ଓ ସତେଜ ।

ବସୁମାତା ହୁଏ ଋତୁମତୀ, ରଜୋମୟୀ । ରଜସ୍ୱଳା ଉତ୍ପାଦନକ୍ଷମ କ୍ଷେତ୍ରର ପ୍ରତୀକ । ପୂର୍ବରୁ ତାହା ଥିଲା ବନ୍ଧ୍ୟା, ଅନୁର୍ବରା, ଅନୁପଯୁକ୍ତ ଭୂମି । ରଜୋମୟୀ ହେବାରେ ଏ ସବୁ ଉପସର୍ଗର ଅବଶେଷ ଘଟେ ।ପୂଣ୍ୟ ବିଭାମୟୀ ରୂପେ ସେ ହୋଇ ଉଠେ ଶସ୍ୟ ସମ୍ଭାରରେ ସରସ ଓ ସୁରଭିତ ।

ଧରଣୀ ମାତା ରଜସ୍ୱଳା ହେଲେ ହଳାଦି କାମ,ବିହନ ବୁଣା ନିଷିଦ୍ଧ । ଏପରିକି ମାଟିଖୋଳା, କୌଣସି ଗଛଲତା କଟା ସବୁ ମନା ।ମାଟି ହୁଏ ଅସ୍ପୃଶ୍ୟା ।ଭୂଇଁ ନଅଁଣ ପରେ ବସୁମତୀ ସ୍ନାନ ।ତା'ପରେ ନିଷ୍ଠୁର ବାସ୍ତବତା ଆସେ ।ମୁଣ୍ଡ ଝାଳ ତୁଣ୍ଡରେ ମାରି କୃଷକ,ଶ୍ରମିକ ସପରିବାର କୃଷିକାର୍ଯ୍ୟରେ ଲାଗିପଡ଼ନ୍ତି ।ଏହି ବିଧାନର ଅନୁସରଣରେ ଓଡ଼ିଆ ଘରର ସଧବା ନାରୀ ମୁଖ୍ୟତଃ କୁମାରୀମାନେ ଋତୁମତୀର ଯୋଗ ପାଳନ କରନ୍ତି ।

ନାରୀ ସନ୍ତାନସମ୍ଭବା ।ପ୍ରଜନନ ତା'ର ଧର୍ମ ।ବସୁଧା ପରି ସେ ମାତା,ସର୍ବଂସହା ।ଚିର ସବୁଜ ପ୍ରଜନନର ବ୍ରତଧାରିଣୀ ପୃଥିବୀମାତା । ଶସ୍ୟରୂପୀ ଦୁଗ୍ଧ ଦେଇ ପାଳନ କରେ ସାରା ପୃଥିବୀର ଜୀବଗଣଙ୍କୁ ।ନାରୀ ଭିତରେ ଏ ଧର୍ମର ସୁରକ୍ଷା ଓ ତା'ର ସ୍ମରଣରେ ମାତୃଜାତିକୁ ସମ୍ମାନ ଦେବା ହେଉଛି ରଜ ପର୍ବର ମାହାତ୍ମ୍ୟ ।

ରଜ ଆଗରୁ ସବୁ ସଜବାଜ ହୁଏ ।ରଜ ତିନି ଦିନ ନାରୀମାନେ ଘର ଓଳେଇବା,ପନିପରିବା କାଟିବା,ମସଲା ବାଟିବା ଆଦି କାମ କରନ୍ତି ନାହିଁ ।ସ୍ଥଳ ବିଶେଷରେ ପୁରୁଷମାନେ ଏ ସବୁ କାମ କରିଥାନ୍ତି ।ତୃନା କୁଟା ଓ ମସଲା ଗୁଣ୍ଡ କରି ଆଗରୁ ରଖା ହୋଇଥାଏ ।କୁମାରୀମାନେ ଏ ପର୍ବ ପାଳନ ବେଳେ ବହୁ କଟକଣା ଭିତରେ ରହନ୍ତି ।ସେମାନଙ୍କ ପକ୍ଷରେ କୌଣସି କାମ ମୁଖ୍ୟତଃ ନିଷିଦ୍ଧ ।ଏପରିକି ରକ୍ଷଣଶୀଳ କେତେକ ପରିବାରରେ ସେମାନେ ଖାଲି ପାଦରେ ଚାଲିବା ମନା ।ଗାଁ ଗହଳରେ ପାଦରେ ଜୋତା ବଦଳରେ ଗୁଆ ଖୋଳ ଓ କଦଳୀ ପଟକୁ ବ୍ୟବହାର କରାଯାଏ ।ନୂଆ ପୋଷାକ ଓ ଶାଢୀ ଆଦିରେ ନିଜକୁ ସଜେଇଥାନ୍ତି କୁମାରୀମାନେ ।କେବଳ ହସଖେଳ, ବିଶେଷ କରି ଦୋଳି ଖେଳରେ ତିନି ଦିନ ଉଲ୍ଲାସର ଫୁଆରା ଜଳିଉଠେ ।ରଜ ପାନ ଓ ପୋଡ଼ପିଠା ଖାଇ ପଲ୍ଲୀ କିଶୋରୀ ମେଳ ହୋଇ ସରସତାର ଶିଖରରେ ଝୁଲନ୍ତି,ନାଚନ୍ତି ,ଗାଆନ୍ତି ।

ରଜ ମୁଖ୍ୟତଃ କୁମାରୀମାନଙ୍କ ପର୍ବ ହୋଇଥିଲେ ବି ଯୁବକମାନେ ଏହାର ଫାଇଦା ନେଇଥାଆନ୍ତି ।ରଜ ତିନି ଦିନ ବିଶ୍ରାମର ମୁହୂର୍ତ୍ତ ।ତେଣୁ ବହୁପ୍ରକାର ଖେଳ କସରତରେ ଫୁଲିଉଠେ ଯୁବସୁଲଭ ଉଦ୍ଦାମତା ।ବାଗୁଡ଼ି ଖେଳ ଏହି ବିନୋଦନର ମୁଖ୍ୟ ଆକର୍ଷଣ ।ମୂଳତଃ ପୌରୁଷ ପ୍ରତିପାଦନର ଏ ଖେଳ ।ପ୍ରତିଦ୍ୱନ୍ଦିତା ହୁଏତ ସ୍ମରଣ କରାଇ ଦେଇପାରେ ପ୍ରାଚୀନ କୃଷି ସମାଜର କଥା , ଯେତେବେଳେ ଆଦିମ ଗୋଷ୍ଠୀବଦ୍ଧ ଏକକ ପରିବାର ଭିତରୁ ନାରୀକୁ ପୁରୁଷ ତା'ର ବାହୁବନ୍ଧରେ ଭିଡ଼ି ନେଉଥିଲା ବହୁ ପ୍ରତିଯୋଗୀଙ୍କ ଗହଣରୁ ।ଆଜି ଏ ପରିସ୍ଥିତି ନାହିଁ, କିନ୍ତୁ ବଞ୍ଚି ରହିଛି କେବଳ ସ୍ମାରକୀ ।

ଅତୀତର ପଲ୍ଲୀ ନାହିଁ,ରଜ ଦୋଳିଗୀତର ସୁରରେ କାହାରି ହୃଦୟ ସ୍ପନ୍ଦିତ ହେଉନି, ମାତ୍ର ପରମ୍ପରାର ଡାହୁକ ରହିଛି ।ଭୂଇଁ ନଅଣ ଦିନ ଶିଳପୁଆ ଓ ଲଙ୍ଗଳ ଲୁହାକୁ ପୂଜା କରି ଓଡ଼ିଆ ବଧୂ ପରମ୍ପରାର ଆହ୍ୱାନ କରେ, ସେଥିରେ ଭୂମିକର୍ଷଣ ଜନିତ ଶସ୍ୟ ଉତ୍ପାଦନର ପ୍ରତିଜ୍ଞା ପ୍ରତିଧ୍ୱନିତ ହୋଇଥାଏ ।

ମାତ୍ର ସଂପ୍ରତି ମଣିଷର କର୍ମବିମୁଖତା କବଳରେ କବଳିତ ।ତେଣୁ କୃଷକ ବି ଏଥିରୁ ବାଦ୍ ଯାଇନି ।ଏହା ମଧ୍ୟ ଚାଷୀକୁଳରେ ଚାଷର ସମ୍ଭାବ୍ୟ ଆଶ୍ରୟକୁ ବିଡ଼ମ୍ବିତ କରିଛି ।ତଥାପି ଏକ କୃଷି ପରମ୍ପରାର ବିକଳ ଦାୟାଦ ଭାବେ ବିକୃତିର ଗୀତ ଗାଇ ଆନନ୍ଦ ମୁଖରିତ ହୁଏ ।

ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ
ବଲାଙ୍ଗିର.ମୋ.୮୯୧୭୩୯୭୩୪୮

ରଜ ଆମ୍ବ

ମାନସ ରଞ୍ଜନ ନାୟକ

ନା ଅଛି ତୋଟା ନା ବାଡି ନା ଘର ଅଗଣାରେ ଅମୃତ ଖୁସିର ଖୋରାକ
ରାସ୍ତାକଡ ଅଳିଆକୁଣ୍ଡରୁ ଆବିଷ୍କାର କରେ କିଛି ହସର ସୁରାକ
ସୁଉଚ୍ଚ ଆକର୍ଷଣୀୟ ବିଜ୍ଞାପନ ଖମ୍ବ ଉପରକୁ ଚାହିଁ ଟିକେ ହସେ
ସରକାରଙ୍କ 'ମୋ ଗାଁ ଆମ୍ବ ପସରା' ବି ଅଭାବୀଙ୍କ ଭାତ ଥାଳିକୁ କୋଶେ !

ନିଉଛୁଣିଆ ସମ୍ପର୍କରେ ଏବେ ହାପୁସ୍ ଆମ୍ବଝୁଡିର ସଜବାଜ ଭିଡ
ବାବୁଙ୍କଠୁଁ ଆମ୍ବଟିଏ ମିଳିବା ଯେ ବୈଶାଖରେ ସହାନୁଭୂତିର ଝଡ !
ଫଳଟିଏ ପାଇଁ ଏଠି ମଣିଷଠୁ ବଡଦିଅଁ ଯାଏ କେଡେ ଯେ ସରାଗ
ଦେଉଳିମଠର ଆମ୍ବଶଗଡରେ, ଶ୍ରୀଜିଉଙ୍କ ଅଣସର ଅନୁରାଗ ।

ଗରିବୀର ମହାର୍ଘ ନିର୍ମାଲ୍ୟରେ ରଜପର୍ବର ପାର୍ବଣ୍ୟ ଉପଚାର ଅଲଣା
ଚିମୁଟେ ଲୁଣ, ମୁନ୍ଦେ ତୋରାଣି ପିଇ ବାବୁଘର ବଡ ପାଇଟି ରାନ୍ଧଣା
ସନ୍ତର୍ପଣରେ ଝୁଲାଭର୍ତ୍ତି ଆମ୍ବ ନେଇଯିବାକୁ ବାବୁଆଣୀଙ୍କର ଡକା
ମାନବିକତାର ମୃଦୁ ସୁରଭି ପାଖରେ ଆମ୍ବ ଫଳର ମହକ ଫିକା ।

ଜୀବନ ପିଆଲାରୁ ସ୍ୱାର୍ଥ ଉତୁରିଲା ପରେ, ସ୍ୱାଦହୀନ ସମ୍ପର୍କ ଏଠି
ବିକାଶର ବସ୍ତୁବାଦୀ ରାଜବସାରେ ରଜଆମ୍ବ ଆଜି ପରମ୍ପରା କାଠି ।

ମଞ୍ଜୁରୀ ରୋଡ୍, ଭଦ୍ରକ
ମୋ: ୯୮୯୦୮୫୧୪୨୭

ରଜ ଆମ ଗୌରବ...

ରାମଚନ୍ଦ୍ର ବେହେରା

ଆଦ୍ୟ ଆଷାଢର କୋମଳ ପରଶେ
ଆସିଛି ରଜ ପରବ
ଆମ ରାଇଜର ପୁର ଓ ପଲ୍ଲୀରେ
ସଭିଂକ ପାଇଁ ଗୌରବ।

ପାଂଚ ଦିନ ଧରି ଚାଲିବ ଏ ପର୍ବ
ସଭିଏଁ ପାଳିବେ ମିଳି
ନୂଆ ବସ୍ତ୍ର ପିନ୍ଧି ହସ ଓ ଖୁସିରେ
ଖେଳିବେ ରଜର ଦୋଳି।

ସଜବାଜ ଠାରୁ ରଜର ପରଶେ
ମନ ହୁଅଇ ହରଷ
ଭୂଇଁ ନଅଁଣର ପବିତ୍ର ତିଥିରେ
ହୋଇଯିବ ରଜ ଶେଷ।

ବାଗୁଡି କବାଡି ଲୁଡୁ ବୋହୁଚୋରୀ
ତାଆସ ହୋଇବ ଖେଳ
ଗାଆଁ ଝିଅ ମାନେ ହୋଇ ସୁସଜ୍ଜିତ
ବୁଲିବେ ହୋଇଣ ମେଳ।

ପୋଡପିଠା ସହ ଆମ୍ବ ଓ ପଣସ
ଦେଶୀ ଖାସି ମାଂସ ଝୋଳ
ମହକି ଉଠିବ ଘର ଓ ଦୁଆର
ପାଟିରୁ ଝରିବ ଲାଳ।

ମାଟି ଓ ମେଘର ହୋଇବ ମିଳନ
ଝରିବ ବରଷା ପାଣି
ଚାରୁ ତରୁଲତା ସବୁଜ କ୍ଷେତରେ
ହସିବ ଧରଣୀ ରାଣୀ।

ଭାଇଚାରା ଭାବ ବାରତା ବାଣ୍ଟିବ
ଲୁଚିଯିବ ରାଗ ରୋଷ
ରଜର ପରଶେ ମୌସୁମୀ ହସିବ
ନିଦାଘର ହେବ ଶେଷ।

ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬

ରଜ ଉତ୍ସବ

ଜୟନ୍ତୀ ଓଝା

ଓଡ଼ିଶାର ଏକ ନିଆରା ପର୍ବ ହେଉଛି ରଜ । ଏହି ପର୍ବ ତିନିଦିନ ପାଇଁ ପାଳନ କରାଯାଏ । ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତୀୟ ଦିନ ମିଥୁନର ସୌର ମାସ ଆରମ୍ଭ ହେବାକୁ ସୂଚିତ କରିଥାଏ, ତେଣୁ ଏହାକୁ ମିଥୁନ ସଂକ୍ରାନ୍ତି କୁହାଯାଏ । ଏହି ଦିନକୁ ବର୍ଷା ଋତୁର ଆରମ୍ଭ ହୋଇଥାଏ । ତୃତୀୟ ଦିନକୁ ଭୂମି ଦହନ ବା ବାସି ରଜ କୁହାଯାଇଥାଏ ।

ରଜର ମାହାତ୍ମ୍ୟ ହେଉଛି ଏକ ପୌରାଣିକ ଆଧାର! ଏହା ବିଶ୍ୱାସ କରାଯାଏକି ବସୁଧା ମାତା, ଯିଏକି ଭଗବାନ ବିଷ୍ଣୁଙ୍କର ପତ୍ନୀ ଅଟନ୍ତି, ଏହି ତିନି ଦିନରେ ନିଜର ମାସିକ ଧର୍ମପାଳନ କରିଥାନ୍ତି । ଚତୁର୍ଥ ଦିନଟିକୁ ବସୁମତୀ ସ୍ନାନ କୁହାଯାଇଥାଏ । ରଜ ଶବ୍ଦଟି ରଜସ୍ୱଳା ଶବ୍ଦରୁ ଆସିଅଛି, ଯାହାର ମାନେ ମାସିକ ଧର୍ମ ଦେଇ ଗତିକରୁଥିବା ମହିଳା ମଧ୍ୟ ଯୁଗରେ ଏହି ପର୍ବଟି ଗୋଟିଏ କୃଷି ଭିତ୍ତିକ ଛୁଟି ରୂପେ ବିଖ୍ୟାତ ହୋଇ ଯାଇଥିଲା, ଯେଉଁଥିରେ ମାତା ଭୂଦେବୀଙ୍କୁ ପୂଜା କରାଯାଉଥିଲା, ମାତା ଭୂ ଦେବୀଙ୍କର ରୂପରେ ଏକ ମୂର୍ତ୍ତୀ ଶ୍ରୀଜଗନ୍ନାଥଙ୍କ ପାର୍ଶ୍ୱରେ ଏବେବି ଦେଖିବାକୁ ମିଳେ ପୁରୀର ଜଗନ୍ନାଥ ମନ୍ଦିରରେ ।

ରଜ ପର୍ବର ପାଳନ ପ୍ରକ୍ରିୟା:

ଏହି ତିନିଦିନ ସମୟରେ ଘରର ମହିଳାମାନଙ୍କୁ ଘର କାର୍ଯ୍ୟରୁ ନିବୃତ ରଖାଯାଇଥାଏ । ଆଉ ଘର ଭିତରେ ଖେଳା ଯାଉଥିବା ଖେଳ ସବୁକୁ ଖେଳିବା ପାଇଁ ସମୟ ମିଳିଯାଇଥାଏ । ଝିଅମାନେ ନୂଆ ପୋଷାକ କିମ୍ବା ପାରମ୍ପରିକ ଶାଢ଼ୀ ଏବଂ ପାଦରେ ଅଳତା ପିନ୍ଧି ସଜାଇ ହୋଇଥାନ୍ତି । ସମସ୍ତେ ଖାଲି ପାଦରେ ମାଟିରେ ଚାଲିବାଠୁ ନିବୃତ ରୁହନ୍ତି । ବହୁତ ପିଠାପଣା ଯେପରିକି ପୋଡ଼ ପିଠା, ଚକୁଳି ପିଠା ଖାଇ ଏହି ପର୍ବକୁ ପାଳନ କରାଯାଏ, ଝିଅ ମାନେ ଦୋଳି ଖେଳି ଥାନ୍ତି ଓ ମହିଳାମାନେ ଲୁଡ଼ୁ, ତାସ ଭଳି ଖେଳ ଖେଳିଥାନ୍ତି। ଗାଁର ଯୁବକ ମାନେ କବାଡି ଖେଳ ଖେଳି ମନୋରଞ୍ଜନ କରିଥାନ୍ତି, ପ୍ରତିଯୋଗିତା ରେ ଭାଗ ମଧ୍ୟ ନେଇଥାନ୍ତି । ବିଭିନ୍ନ ପ୍ରକାର ରଜ ଗୀତ ଗାଇ ଲୋକମାନେ ଏହାକୁ ପାଳନ କରିଥାନ୍ତି ।ରଜ ପର୍ବ ଏହା ଜୁନ ମାସର ମଧ୍ୟ ଭାଗରେ ପଡିଥାଏ ।

ତିନି ଦିନ ରଜ ପରେ ଚତୁର୍ଥ ଦିନରେ ବସୁମତୀ ସ୍ନାନ କରାଯାଏ, ଘରର ମହିଳାମାନେ ଶିଳ ପୁଆକୁ ମା'ଙ୍କ ରୂପ ମାନି ହଳଦୀ ଲଗେଇ କାଠର ପିଢା ଉପରେ ସୋରିଷ ଓ ଲୁଣ ଥୋଇ ଲୁହା ଖଣ୍ଡେ ରଖି ଏବଂ ଫୁଲ ସିନ୍ଦୁରରେ ସଜେଇ ମା ବସୁନ୍ଧରାଙ୍କୁ ଗାଧେଇ ଦେଇଥାନ୍ତି, ଏବଂ ଭୋଗ ଲଗେଇ ପୂଜା କରିଥାନ୍ତି ।

ପ୍ରଥମ ରଜର ପୂର୍ବ ଦିନକୁ ସଜବାଜ କୁହାଯାଏ । ଏହି ଦିନରେ ରଜ ପାଇଁ ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତ କରାଯାଏ, ଏବଂ ରୋଷେଇଘର, ଶିଳ ମଧ୍ୟ ଧୁଆ ଯାଇଥାଏ! ତିନିଦିନ ପାଇଁ ମସଲା ବଟାଯାଇ ରଖା ଯାଇଥାଏ, ପୂର୍ବ କାଳରେ ଦାନ୍ତକାଠି ଏବଂ ପାଣି ମଧ୍ୟ ତିନିଦିନ ପାଇଁ ଆଣି ଘରେ ରଖିଥାନ୍ତି, ସେଥିପାଇଁ ସେଇଦିନକୁ ପାଣିବୁହା ରଜ ବୋଲି କୁହାଯାଇଥାଏ! ଯାହା ଫଳରେ କି ଝିଅ ବୋହୂ ମାନେ

ବନସ୍ତେ ଡାକିଲା ଗଜ

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ବୁଧବାର,୧୪ ଜୁନ୍, ୨୦୨୩

ଉତ୍କଣ୍ଠା ଓ ଉଲ୍ଲାସର ପର୍ବ -ରଜ

ଡ଼ି ଶୁଭମ୍

ଆଦ୍ୟ ଆଷାଢ଼ର ବାରିଧାରା ସହ ଆକାଶରେ ମେଘ ମହ୍ଲାର ପ୍ରତିଛବି । ଜନଜୀବନରେ ଭରିଯାଏ ନୂତନ ମାଦକତା । ମାନବ ପ୍ରାଣରେ ଭରିଯାଏ ନବୀନ ଝଙ୍କାର । ଆଶା ଓ ଉନ୍ମାଦନାର ସମ୍ଭାର ସହ ପ୍ରତିଟି ମୁହୂର୍ତ୍ତ ପୁଲକିତ ହୋଇଉଠେ । ଓଡ଼ିଶା- ଶୋଭାମୟ ପ୍ରକୃତିର ଗନ୍ତାଘର । ସଭ୍ୟତା ଓ ସଂସ୍କୃତିର ପଟ୍ଟଭୂମି ସହ ବେଶ ସମୃଦ୍ଧ ଆମ ଉତ୍କଳ ପ୍ରଦେଶ । ଧର୍ମୀୟ ଭାବନାରେ ଉଦ୍‌ବୁଦ୍ଧ ହୁଅନ୍ତି ପ୍ରତ୍ୟେକଟି ଓଡ଼ିଆବାସୀ । ସମାଜିକ ଓ ସାଂସ୍କୃତିକ ଚଳଣି ସହ ଓଡ଼ିଶାର ପ୍ରତ୍ୟେକଟି ପର୍ବ ପର୍ବାଣିରେ ଆସେ ଉତ୍କଣ୍ଠାର ବାସ୍ନା । ଠିକ ସେମିତି ସବୁ ଓଡ଼ିଆଙ୍କ ଗଣପର୍ବ ଭାବେ ରଜ ଘରେ ଘରେ ପରିଚିତ । ରଜ ଆସିଲେ ପଲ୍ଲୀ ଜୀବନରେ ଭରିଯାଏ ଆନନ୍ଦର ପରିବେଶ । ସତେ ଯେମିତି ପୁଣି ରଙ୍ଗମୟ ହୋଇଉଠେ ପ୍ରତ୍ୟେକଟି ସ୍ୱପ୍ନ । ଗାଁ ଦାଣ୍ଡ ହୋଇଯାଏ ଉତ୍ସବମୁଖର । ତିନିଦିନ ଧରି ବେଶ ହସଖୁସିରେ ପାଳନ ହୁଏ ରଜ । ଗ୍ରାମ୍ୟ ଜୀବନରେ ଭରିଯାଏ ମାଧୁର୍ଯ୍ୟର ପସରା । ଚୁଲି ମୁଣ୍ଡରୁ ପୋଡ଼ପିଠାର ଧୂଆଁ ସହ ଗାଁ ଆମ୍ବତୋଟା ଯାଏଁ ସବୁଠି ଥାଏ ଆକର୍ଷଣର ଛିଟା । ମୌସୁମୀର ଆଗମନ ସହ ଓଡ଼ିଆଙ୍କ ବଡ଼ ପର୍ବ ରଜ ଜନମାନସକୁ ଆହ୍ଲାଦିତ କରିଥାଏ । ଝିପ୍‌ଝିପ୍ ବର୍ଷା , ମୃଦୁ ମଳୟ ସାଥିରେ ପ୍ରତିଟି ସ୍ନାୟୁରେ ଭରିଯାଏ ଆନନ୍ଦର ଆବେଗତା ।

ବନସ୍ତେ ଡ଼ାକିଲା ଗଜ , ବରଷକେ ଥରେ ଆସିଛି ରଜ , ଆସିଛି ରଜ ଲୋ , ଘେନି ନୂଆ ସଜବାଜ । ଆମ ଓଡ଼ିଶା - ପର୍ବପର୍ବାଣିର ମହକରେ ମହକିତ । ଏଠି ବାର ମାସରେ ତେର ପର୍ବ ପାଳନ ହୁଏ । ତେବେ ଏସବୁ ଭିତରେ ସବୁ ଓଡ଼ିଆଙ୍କ ପାଇଁ ଉତ୍କଣ୍ଠାର ପର୍ବ ଥାଏ ରଜପର୍ବ । ତିନି ଦିନ ଧରି ଚାଲେ ରଜପର୍ବ । ପ୍ରଥମ ଦିନକୁ ପହିଲି ରଜ , ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତି , ତୃତୀୟ ରଜକୁ ଭୂମି ପୂଜା ବୋଲି ଅଭିହିତ କରାଯାଏ । ପହିଲି ରଜକୁ ଯେମିତି ପ୍ରତ୍ୟେକଟି ଓଡ଼ିଆ ଚାତକ ନୟନରେ ଚାହିଁ ବସିଥାନ୍ତି । ପହିଲି ରଜର ସକାଳରେ ଗାଁ ପରିବେଶରେ କୁମାରୀ ମାନଙ୍କର ମେଳ ସହ ପାଦରେ ଅଳତା ଆଉ କୁଙ୍କୁମର ବିନ୍ଦୁ ସତେଯେମିତି ସମସ୍ତଙ୍କ କେନ୍ଦ୍ରବିନ୍ଦୁ ସାଜିଥାଏ । ଗଛରେ ଦୋଳି ସହ ମନ୍ଦିର ବେଢ଼ାରେ ବୟସ୍କ ମାନଙ୍କ ତାସ ଖେଳ ଏ ପରିବେଶକୁ ଆଉ ଟିକେ ରୋମାଂଚକର କରିଦିଏ । ସାହି ପଡ଼ିଶାରୁ ଭାସିଆସେ ରଜ ସଂଗୀତର ମୂର୍ଚ୍ଛନା । ପହିଲି ରଜ ପରେ ଦ୍ୱିତୀୟ ଦିନ ପାଳିତ ହୁଏ ରଜ ସଂକ୍ରାନ୍ତି । ସଂକ୍ରାନ୍ତି ହୋମପୂଜା ଘରକୁ ଧର୍ମୀୟ ଭାବନାରେ ଭରିଦିଏ । ଝୁଣା ଧୂପର ମହକରେ ପରିବେଶ ମହକିତ ହୁଏ । ମନ୍ଦିରରେ ପୂଜା ଉପାସନା ପାଇଁ ଲୋକଙ୍କ ଭିଡ଼ ଜମେ । ଆଧ୍ୟାତ୍ମିକ ମନ୍ତ୍ରରେ ମନ୍ତ୍ରିତ ହୁଏ ପ୍ରତ୍ୟେକଟି ପ୍ରାଣ । ପରିଶେଷରେ ଆସେ ରଜର ତୃତୀୟ ଦିନ ଭୂମି ପୂଜା । କେହି କେହି ଏହାକୁ ଭୂମି ନଅଣ ବି କହନ୍ତି । ଏହି ସମୟରେ ଭୂମି କର୍ଷଣ କରିବା ନିଷେଧ ଥାଏ । କୃଷିଭିତ୍ତିକ ପରମ୍ପରାରେ ଏହି ଦିନର ବେଶ ବିଶେଷତା ଥାଏ । ବର୍ଷର ଥରୁଟିଏ ଆସେ ରଜ । ବେଶ ଉତ୍କଣ୍ଠାର ସହ ଅପେକ୍ଷା କରିଥାନ୍ତ ପ୍ରତଟି ଜନସାଧାରଣ । ଆକର୍ଷଣୀୟ ଖାଦ୍ୟ ସହ ଏହି ତିନି ଦିନକୁ ବେଶ ଉପଭୋଗ୍ୟ କରିବା ପାଇଁ ଖାଦ୍ୟର ଆସର ବି ଜମିଥାଏ । ଘରେ ଘରେ ପୋଡ଼ପିଠା ସହ ଆମିଷର ବାସ୍ନା ଭରିଯାଇଥାଏ । ବିଭିନ୍ନପ୍ରକାର ପିଠା ସହ ପରିବାର ଆଉ ସାଙ୍ଗସାଥୀ ମେଳରେ ରଜ ଆସରକୁ ଉପଭୋଗ କରିଥାନ୍ତି ଲୋକ । ଆମ୍ବତୋଟା ମୂଳରେ ପିଲାଙ୍କ ମେଳି ଆଉ ମୃଦଙ୍ଗର ଶବ୍ଦ ବି ପ୍ରତିଧ୍ୱନିତ ହୋଇଥାଏ । ଏହା ସହ ରଜପାନ ଏକ ବିଶେଷ ଭୂମିକା ନେଇଥାଏ । ରଜ ତିନିଦିନରେ ରଜପାନ ଟିକେ ପାଟିରେ ନ ବାଜିଲେ ଭଲ ଲାଗେନା । ଏ ତିନି ଦିନ ଯେମିତି ଏକ ଅପୂର୍ବ ଆଶା ଓ ଉଲ୍ଲାସରେ ଭରିଯାଇଥାଏ । ଦାସକାଠିଆର ତାଳ ସହ ସାହି ପଡ଼ିଶାରେ ଲୋକଙ୍କ ଖଟି ବି ଜମୁଥାଏ । ସତେଯେମିତି ବର୍ଷଯାକର କଥାକୁ ଏ ତିନି ଦିନରେ କହିପକାଇବାକୁ ବ୍ୟସ୍ତ ବିବ୍ରତ ହେଉଥାନ୍ତି ।

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । କୃଷି ଭିତ୍ତିକ ସମାଜର ପରିଚୟ ବହନ କରେ ଆମ ରାଜ୍ୟ । ଆମ ରାଜ୍ୟର ପ୍ରାୟ ୭୦ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ । କୃଷି ହିଁ ଆମ ସମାଜର ସଂସ୍ଥାପକ । ଆମ ସଂସ୍କୃତିର ପରିମାପକ । କୃଷି ଆମ ଦେଶର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାରେ ମୁଖ୍ୟ ଭୂମିକା ନେଇଥାଏ । ତନ୍ମଧ୍ୟରୁ ଧାନ ଆମର ପ୍ରମୁଖ ଫସଲ ଅଟେ । ସାଧାରଣତଃ ଚାଷୀ ଭାଇ ମାନେ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି । ଅକ୍ଷୟ ତୃତୀୟା ଠାରୁ ଅଖିମୁଠି ଅନୁକୂଳ ହେବା ପରେ ଚାଷୀ ଧାନ ଚାଷ ପାଇଁ ସଜବାଜ ହୁଏ । ଆଉ ଏହି ରଜ ପର୍ବରେ ଧାନ ବୁଣା କାମ ଶେଷ ହୋଇଥାଏ । କହୁଯାଏ ଯେ ରଜ ତିନି ଦିନକୁ ବେଶ ଖୁସିରେ ପାଳନ କରିବା ପରଦିନ ବସୁମତୀ ସ୍ନାନ କରାଯାଇଥାଏ । ଭୂମିକୁ ବନ୍ଦାପନା କରାଯାଏ । ଆଉ ତା ପରେ ଚାଷୀ ଭାଇ କ୍ଷେତରେ ନିଜ କର୍ମ ସମ୍ପାଦନ କରେ । କ୍ଷେତକଟୁ ହଳ ନିଏ । ଆଉ ଏକ ନବଚେତନା ସହ ଚାଷ ଜମିରେ କାମ ଆରମ୍ଭ କରେ ।

ସମୟ ସହ ତାଳ ଦେଇ ମଣିଷ ଆଗକୁ ଆଗକୁ ବଢୁଛି । ଆମେ ଓଡ଼ିଆ ଭାରି ବଢ଼ିଆର କଥାଟା କାହିଁ ଏବେ ବଦଳିବାକୁ ଲାଗିଲାଣି । ସମ୍ପ୍ରତି ଆମେ ଆମର ମାତୃଭାଷାକୁ ଭୁଲିଯାଉଛନ୍ତି । ଲୋକେ ତ ଓଡ଼ିଆରେ କଥା ହେବାକୁ ପସନ୍ଦ ବି କରୁନାହାନ୍ତି । ହେଲେ ମାତୃଭାଷା ଆମ ମା' ସଦୃଶ , ଏକଥାକୁ ଭୁଲିବା ଆଦୌ ଉଚିତ ନୁହେଁ । ପାଶ୍ଚାତ୍ୟ ସଭ୍ୟତା ଭିତରେ ମଣିଷ ଏତେ ମାତ୍ରାରେ ପଭାବିତ ଯେ , ଏବେ ଓଡ଼ିଆ ଭାଷାକୁ ଅପଭ୍ରଂସ କରି କହିବାରେ ବି ଲାଗିପଡ଼ିଲେଣି । ଏମିତିକି ଓଡ଼ିଶାର ଗଣ ପର୍ବ ରଜକୁ କେହି କେହି ରଜୋ ବୋଲି ବି କହିଲେଣି । ପ୍ରକୃତ ଶବ୍ଦ ରଜକୁ ନକହି ବିଭିନ୍ନ ସମ୍ପିମଲ୍‌ର ବିଜ୍ଞାପନ ବି ରଜୋ ନାଁରେ ଛାପିଲେଣି । ଏ କ'ଣ ଆମ ସଂସ୍କୃତିର ପରିଚୟ । ଆମେ ଓଡ଼ିଆ ବୋଲି ବିଶ୍ୱ ସ୍ତରରେ ଗର୍ବ କରିବାର ସଂକଳ୍ପ ନେଇ ଆଗକୁ ବଢ଼ଇବାର ସ୍ୱପ୍ନ ଦେଖୁଛେ । କିନ୍ତୁ ନିଜ ମାତୃଭାଷାକୁ ଭୁଲ କରି ଉଚ୍ଚାରଣ କରିବା କେତେଦୂର ଯଥାର୍ଥ । ସମୟ ଆସିଛି ପୁଣି ଥରେ ସମସ୍ତଙ୍କ ଆଗରେ ଓଡ଼ିଆର ମହାନତାର ପରିଚୟ ଦେବାର । ରଜୋ ନୁହେଁ ସବୁଆଡ଼େ ରଜ କହିବା । ଆଉ ଆମ ଗଣପର୍ବର ମାନ ରଖିବା ।

+ବାସୁଦେବପୁର,ଭଦ୍ରକ
ମୋ-୯୪୩୮୪୬୭୦୭୯



ଆମ ଗଣ ପର୍ବ-ରଜ

ଅକ୍ଷୟ କୁମାର ରାଉତ

ପ୍ରାଚୀନ କାଳରୁ ଓଡିଶାର କଳା, ସାହିତ୍ୟ,ସଂସ୍କୃତି, ବୀରତ୍ୱ, ସାହସିକତା ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଭାରତ ବର୍ଷରେ ନିଜର ସ୍ୱତନ୍ତ୍ର ସ୍ଥାନ ପ୍ରଦର୍ଶନ କରିଛି । ଏହି ସ୍ୱତନ୍ତ୍ରତା ମଧ୍ୟରେ ପର୍ବ ପର୍ବାଣି ଗୁଡିକର ବୈଶିଷ୍ଟ ଓ ମହତ୍ୱ ରହିଅଛି । ପର୍ବ ପର୍ବାଣିକୁ ବାଦ୍ ଦେଲେ ଓଡିଶାର ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ତଥା ପାରମ୍ପରିକତାର ବୈଭବକୁ କଳ୍ପନା କରିବା ଅସମ୍ଭବ । ପର୍ବ ପର୍ବାଣି ଭିତରେ ଏକ ଜାତିର ଜାତୀୟ ଜୀବନ ପ୍ରତିବିମ୍ବିତ । ତେଣୁ ଅଭିଜ୍ଞ, ଚିନ୍ତାଶୀଳ, ସମାଜ ହିତୈଷୀ ମହାମାନବ ମାନେ ଅତୀତରେ ସୁସ୍ଥ ସମାଜର ସ୍ୱପ୍ନକୁ ସାକାର କରିବା ପାଇଁ ବୌଧହୁଏ ସୃଷ୍ଟି କରିଥିଲେ ଅନେକ ପର୍ବ ପର୍ବାଣି । କଥାରେ ଅଛି- 'ବାର ମାସରେ ତେର ପର୍ବ',ଅର୍ଥାତ୍ ବେଳ କାଳ ତୁଳନାରେ ବହୁ ପର୍ବ ଓଡିଶାରେ ଅନୁଷ୍ଠିତ ହୁଏ । ମାନବ ଜୀବନ ସହିତ ପର୍ବ ପର୍ବାଣୀର ଘନିଷ୍ଠ ସମ୍ବନ୍ଧ ରହିଛି । ଏଣୁ କର୍ମ କ୍ଲାନ୍ତ ଜୀବନକୁ ହାଲ୍‌କା ଓ ଉଲ୍ଲସିତ କରିବା ପାଇଁ ବୋଧହୁଏ କୃଷ୍ଟି ପ୍ରଧାନ ଓଡିଶାରେ ବିବିଧ ପର୍ବପର୍ବାଣିର ସୃଷ୍ଟି । ତନ୍ମଧ୍ୟରୁ ରଜ ପର୍ବ ଅନ୍ୟତମ । ଓଡିଶାର ଗଣ ପର୍ବ ରୁପେ ରଜ ପର୍ବ ସର୍ବତ୍ର ପାଳିତ ହୁଏ ।

ସାଧାରଣତଃ ଜ୍ୟେଷ୍ଠ ମାସରେ ରଜ ପର୍ବ ପଡିଥାଏ । କେବେ କେବେ ଜ୍ୟେଷ୍ଠ ଓ ଆଷାଢ଼ର ସନ୍ଧି କ୍ଷଣରେ ରଜ ଉତ୍ସବ ଅନୁଷ୍ଠିତ ହୋଇଥାଏ । ତିନି ଦିନ ଧରି ଲୋକେ ରଜ ଉତ୍ସବ ପାଳନ କରନ୍ତି । ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତିୟ ଦିନ ରଜ ସଂକ୍ରାନ୍ତି ଓ ତୃତିୟ ଦିନ ଶେଷ ରଜ ବା ଭୁମି ଦହନ ନାମରେ ପରିଚିତ । ଶେଷ ରଜର ପରବର୍ତି ଦିନ ବସୁମତୀ ସ୍ନାନ ଓ ଠାକୁରାଣୀ ବୁଡ ପହିଲି ରଜର ପୂର୍ବ ଦିନ ସଜବାଜ ଦିନ, ସେହିଦିନ ଠାରୁ ରଜ ଶେଷ ପର୍ଯ୍ୟନ୍ତ ଲୋକଙ୍କ ମନରେ ଅପୁର୍ବ ଉତ୍ସାହ ଓ ଉଦ୍ଦିପନା ରହିଥାଏ । ଏଣୁ ରଜ ପାଇଁ ଖାଦ୍ୟ ପେୟ ଆଦି ଯାବତୀୟ ଜିନିଷ ପୂର୍ବ ଦିନରୁ ପ୍ରସ୍ତୁତ୍ ହୋଇଥାଏ । ଖାଇବା, ପିଇବା, ମୌଜ ମଜଲିସ ରଜର ମୁଖ୍ୟ କଥା । କଥାରେ ଅଛି ରଜଠାରୁ ଆଉ ମୌଜ ନାହିଁ । ରଜରେ ପିଠା ପଣାର ସୁଅ ଛୁଟେ । ପାଚିଲା ଆମ୍ବ, ପଣସ, ସପୁରୀ ଆଦି ଫଳର ସଦ୍ ବ୍ୟବହାର କରାଯାଏ ।

ଓଡିଶାର ସାମାଜିକ ପରମ୍ପରାରେ ରଜ ଏକ ଖାଂଟି ଓଡିଆ ପର୍ବ । ପିଠା ପଣା, ଭୋଜି ଭାତ, ନାଚ ଗୀତ, ଖେଳ ଓ ଭ୍ରମଣରେ ତ୍ରିଦିନାତ୍ମକ ରଜ ଓଡିଆ ନରନାରୀକୁ ସମ୍ମୋହିତ କରେ । ରଜ ଦୋଳି ରଜ ପର୍ବର ବିଶେଷ ଆକର୍ଷଣ । ଝିଅମାନଙ୍କ କଣ୍ଠରୁ ଶୁଣାଯାଏ ମନଫୁଲାଣିଆ ରଜ ଦୋଳି ଗୀତ ।

" ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସୁଛି ରଜ ଲୋ
ଘେନି ନୂଆ ସଜବାଜ"

ଦୋଳି ଖେଳ ବ୍ୟତୀତ ତାସ୍, ଲୁଡୁ, କୌଡି, ଚେସ୍, କ୍ୟାରମ୍ , ପଶା ଓ ବାଗୁଡି ପ୍ରଭୃତି ଖେଳ ରଜରେ ହୋଇଥାଏ । ତାସ୍ ଖେଳ ଅଧିକ ଲୋକଙ୍କୁ ପ୍ରଭାବିତ କରିଥାଏ । ବର୍ତମାନ କ୍ରିକେଟ୍ ଖେଳର ବହୁଳ ପ୍ରଚଳନ ଯୋଗୁଁ ରଜରେ କ୍ରିକେଟ୍ ମ୍ୟାଚ୍ ମାନ ଅନୁଷ୍ଠିତ ହୋଇଥାଏ ।ଦେବାଦେବୀ ମାନଙ୍କ ନିକଟରେ ଯାତ୍ରା ଉତ୍ସବ ଆୟୋଜନ କରାଯାଏ । ସଂଗୀତ, ପାଲା, ଦାସ୍ କାଠିଆ ଓ ନାଚ ରଜ ଉତ୍ସବକୁ ଅଧିକ ଆମୋଦିତ କରିଥାଏ । ଏହିଦିନ ବହୁ ସାରସ୍ୱତ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ । ଗାଁ ଗହଳିରେ ଝିଅ ବୋହୂମାନେ ଦଳ ଦଳ ହୋଇ ବିଭିନ୍ନ ସ୍ଥାନ ବୁଲିଯାଆନ୍ତି । କେହି କେହି ବିଭିନ୍ନ ଦର୍ଶନୀୟ ସ୍ଥାନର ପରିଭ୍ରମଣରେ ଯାଇଥାନ୍ତି ।

ରଜ ପର୍ବରେ ଭୂମିକୁ ସ୍ପର୍ଶ ନ କରିବା ପାଇଁ ପାଦରେ ଗୁଆ ଖୋଳପା ଓ କଦଳି ପତ୍ରକାରେ ଯୋତା ତିଆରି କରି ପରିଧାନ କରନ୍ତି । ଆଜି କାଲି ଯୋତା ଓ ଚପଲର ବ୍ୟବହାର କଲେଣି । ରଜ ପର୍ବରେ ମସିଣା ଉପରେ ବସନ୍ତି, ତଳେ ବସନ୍ତି ନାହିଁ । କାରଣ- ସେହିଦିନ ପୃଥିବୀ ରଜସ୍ୱଳା ହୁଏ ବୋଲି କଥିତ ଅଛି । ଯେପରି ରଜସ୍ୱଳା ନାରୀକୁ ସ୍ପର୍ଶ କରିବା ଅନୁଚିତ୍, ପୃଥିବୀକୁ ମଧ୍ୟ ସେହି କାରଣରୁ ରଜଦିନରେ ସ୍ପର୍ଶ କରିବା ଅନୁଚିତ୍ । ରଜ ଦିନ ପୃଥିବୀ ରଜସ୍ୱଳା ହୋଇ ଉତ୍ପାଦନ କ୍ଷମ ହେଲା ବୋଲି ଧରାଯାଇଥାଏ । ତତ୍ ପରେ ତାହାକୁ କର୍ଷଣ କରି ବୀଜ ବପନ କଲେ ପୃଥିବୀ ଶସ୍ୟ ଉତ୍ପାଦନ କରେ । ତେଣୁ ରଜ ପର୍ବ କୃଷକ ମାନଙ୍କର ଏକ ପର୍ବ ହେଲେ ମଧ୍ୟ ତାଙ୍କର କର୍ତବ୍ୟ ସୂଚାଇ ଦେଇଥାଏ ।

ରଜ ଓଡିଶାରେ ଏକ ପ୍ରଧାନ ଗଣ ପର୍ବ । ଏହା କେବଳ ଆମୋଦ ପ୍ରମୋଦର ପର୍ବ ନୁହେଁ । ସହୃଦୟତା ଓ ଭାତୃତ୍ୱର ବନ୍ଧନ ପର୍ବ । ବାହ୍ୟ ଆଡମ୍ବର ଅପେକ୍ଷା ରଜ ପର୍ବର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ପ୍ରତ୍ୟେକ ବ୍ୟକ୍ତ ହୃଦୟଙ୍ଗମ କରିବା ଉଚିତ୍ । ନୈତିକ ମୂଲ୍ୟବୋଧ, ସାଂସ୍କୃତିକ ସଚେତନତା, ବନ୍ଧୁତ୍ୱ ଓ କୃଷିର ବିକାଶ ରଜ ପର୍ବର ମୁଖ୍ୟ ଉଦ୍ଦେଶ୍ୟ ।

+ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ରଜ ପାଇଁ ସଜବାଜ....

ରଶ୍ମୀ ସାମଲ

ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

ସାମାଜିକ ଜୀବନକୁ ସରସ ସୁନ୍ଦର କରିବା ପାଇଁ ସାଧାରଣତଃ ପର୍ବ ଗୁଡିକ ର ସୃଷ୍ଟି ହୋଇଅଛି । ଆମ ଉତ୍କଳରେ ଗୋଟିଏ କଥା ଅଛି, ବାର ମାସରେ ତେର ପର୍ବ,ପ୍ରକୃତରେ ଏହା ହିଁ ସତ୍ୟ । କେତେକ ପର୍ବ କୃଷି ଭିତ୍ତିକ ସମ୍ପର୍କୀୟ ତ ଓ ଆଉ କେତେକ ଆଧ୍ୟାତ୍ମିଭୀତିକ ହୋଇଥାଏ ।କର୍ମ କ୍ଲାନ୍ତ ଜୀବନକୁ ସରସ ସୁନ୍ଦର ଓ ମଧୁମୟ କରିବା ପାଇଁ ସମାଜରେ ପର୍ବ ପର୍ବାଣୀର ସୃଷ୍ଟି ହୋଇଛି। ପର୍ବପବାଣୀର ପୃଷ୍ଠ ଭୂମି ହେଉଛି ଏହି ଆମ ଏହି ଓଡିଶା । ମଣିଷ ମାନଙ୍କ ଜୀବନ ଶୈଳୀକୁ ଏହା ସରସ ଓ ସୁନ୍ଦର କରିଥାଏ । ରଜ ପର୍ବ ହିନ୍ଦୁମାନଙ୍କର ଏକ ବିଶିଷ୍ଟ ପର୍ବ। ଏହି ଗଣ ପର୍ବକୁ ଆମର ପ୍ରତ୍ୟକ ଓଡ଼ିଆ ମାନେ ମହା ଆନନ୍ଦରେ ପାଳନ କରିଥାନ୍ତି । ଉତ୍କଳୀୟ ଝିଅ ଓ ନାରୀ ମାନଙ୍କରଏହା ଏକ ବିଶିଷ୍ଟ ପର୍ବ। ଏହି ରଜ ପର୍ବ ତିନିଦିନ ଧରି ପାଳିତ ହୋଇଥାଏ । ଏଥିରେ ବିଶେଷତଃ ଝିଅ ମାନଙ୍କର ବିଶେସତ୍ୱ ବେଶି ରହିଥାଏ । ମଝି ରଜରେ ସଂକ୍ରାନ୍ତି ପଡେ ଯାହାକୁ ମିଥୁନ ସଂକ୍ରାନ୍ତି କୁହାଯାଏ । ରଜ ପର୍ବ ଅନ୍ୟ ପର୍ବ ଠାରୁ ଟିକେ ନିଆରା । ଏଥିରେ ଝିଅ ମାନଙ୍କର ପାଦ ଭୂମିରେ ଲାଗି ନଥାଏ । ରଜଦିନ ଝିଅମାନେ ସକାଳୁ ଉଠି ଗାଧୋଇ ପାଧୋଇ ମୁଣ୍ଡରେ କୁଂକୁମ ଆଖିରେ କଜଳ ପାଦରେ ଅଳତା ଲଗାଇ ଆଉ ମୁଣ୍ଡର ଚୁଟିକୁ କୁଣ୍ଡାଇ ଚୂଡା କରିଥାନ୍ତି ଓ ନୂଆ ଡ୍ରେସ ପିନ୍ଧି ମିଳିମିଶି ଗାଁ ବୁଲି ବାହାରନ୍ତି । ବୋହୂ ମାନେ ନୂଆ ବସ୍ତ୍ର ଚୁଡି ଶଙ୍ଖା ପରିଧାନ କରିଥାନ୍ତି । ଓଡ଼ିଶାର ସହରଠାରୁ ପଲ୍ଲୀ ଯାଏ ଏହା ପାଳିତ ହୁଏ । ପିଠା ମିଠା ପାନ ଖାଇ ବହୁତ ମଉଜ ମଜଲିସରେ ଏହି ତିନି ଦିନକୁ କାଟିଥାନ୍ତି ।

ରଜ ପୂର୍ବ ଦିନକୁ ଯାହାକି ସଜବାଜ କୁହାଯାଏ । ଯାହାକି ଏହି ରଜ ପାଇଁ ସବୁ ପ୍ରସ୍ତୁତି କରା ଯାଇଥାଏ । ପୁର ପଲ୍ଲୀରେ ପୋଡ଼ପିଠାର ବିଶେଷତ୍ୱ ରହିଛି । ଏହା ବ୍ୟତୀତ ଏଣ୍ଡୁରି କାକରା ମଣ୍ଡା ପ୍ରଭୃତି ପିଠା ପଣା ମଧ୍ୟ କରାଯଇଥାଏ । ଦିନ ସରିବା ପୂର୍ବରୁ ପିଠା ପଣା ଖାଇ ଦିଅନ୍ତି । ରଜ ପର୍ବରେ ପିଠା ପଣା ସବୁ ବେଶ ରୁଚି ପୂର୍ଣ ହୋଇଥାଏ ଜଗନ୍ନାଥ ମନ୍ଦିରରେ ମଧ୍ୟ ଏହି ପୋଡ ପିଠା ହେବାର ପରମ୍ପରା ରହିଅଛି । ଏହି ମାସରେ ପାଚିଲା ଆମ୍ବ ଓ ପଣଷ ର ସବୁଆଡେ ପ୍ରଚୁର ମିଳିଥାଏ । ପିଲା ମାନେ ମନ ଆନନ୍ଦରେ ଏହାକୁ ଖାଇ ରାଜା ମଉଜ କରିଥାନ୍ତି । ଉତ୍କଳୀୟ ନାରୀ ମାନେ ରଜରେ ଭୂମିକୁ ସ୍ପର୍ଶ କରି ନଥାନ୍ତି ଆଗ କାଳରେ ଗୁଆ ଖୋଳକୁ ଗୋଡ଼ରେ ପିନ୍ଧୁଥିଲେ । ଆଜିକାଲି କିନ୍ତୁ ଅନେକ ଶିଖିତା ଝିଅ ବୋହୂ ମାନେ ପାଦରେ ଜୋତା ବ୍ୟବହାର କଲେଣି । ଏହି ପର୍ବ ଆବାଳ ବୃଦ୍ଧ ବନିତା ଯାଏ ସମସ୍ତଙ୍କ ଓଠରେ ହସ ଭରି ଦେଇ ଥାଏ । ଏହି ସମୟରେ ଗାଁ ଗହଳିରେ ଲୋକ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କରି ସମୟ କଟାଇଥାନ୍ତି । କେଉଁଠି କେଉଁଠି ବିଭିନ୍ନ ପ୍ରକାର ଖେଳ କସରତ ଇତ୍ୟାଦି ହୋଇଥାଏ । ରଜ ପର୍ବର ଦୋଳି ଖେଳକୁ ଝିଅ ମାନେ ବିଶେଷ କରି ଅପେକ୍ଷା କରିଥାନ୍ତି । ରଜଦୋଳି ବଡ ବଡ ଗଛ ଡାଳ ମାନଙ୍କରେ ବାଉଁଶ କିମ୍ବା ରଶିରେ ଲଗାଇ ଥାଆନ୍ତି । ବହୁତ ଖୁସିରେ ଗୀତ ମାନ ଗାଇଥାନ୍ତି ।

ବନସ୍ତେ ଡାକିଲା ଗଜ
ବରଷକେ ଥରେ
ଆସିଛି ରଜ
ଆସିଛି ରଜ ଲୋ
ନେଇ ନୂଆ ସଜବାଜ
ରଜ ଦୋଳି କଟକଟ
ମୋ ଭାଇ ମଥାରେ
ସୁନା ମୁକୁଟ
ସୁନା ମୁକୁଟ ଲୋ
ଦିଶୁଥାଏ ଝଟମଟ,

ଏହି ପରି ମନ ଆନନ୍ଦରେ ଗାଇ ଝୁଲି ଖେଳି ଥାନ୍ତି ।

ରଜ ସଂକ୍ରାନ୍ତି ପର ଦିନକୁ ଭୂମି ଦାହ କୁହାଯାଏ । ସେ ଦିନ ଭୂମି କର୍ଷଣ କରାଯାଏ ନାହିଁଏହି ଦିନ ଗଛରୁ ପତ୍ର ମଧ୍ୟ ଛିଡା ଯାଏ ନାହିଁ । କିମ୍ବା ଗଛରୁ ଡାଳ ଭଙ୍ଗା ଯାଏ ନାହିଁ।।ଚତୁର୍ଥ ଦିନ ବସୁମତୀ ସାଂନ ହୋଇଥାଏ । ସ୍ନାନ ବିଶେଷରେ ଏହାକୁ ଠାକୁରାଣୀ ବୁଡ ମଧ୍ୟ କୁହାଯାଇଥାଏ । ଗ୍ରୀଷ୍ମର ପ୍ରବଳତା ପରେ ରଜଠୁ ବର୍ଷାର ଆଗମାନ ହୁଏ । ମୌସୁମୀ ବାୟୁ ଅଧିକା କ୍ରିୟାଶୀଳ ହୋଇ ମୂର୍ତ୍ତିକା ସହ ତାର ମହାମିଳନ ଘଟିଥାଏ । ଆଷାଢ଼ରେ ବର୍ଷାକୁ ସ୍ୱାଗତ କ ର । ଯ । ଏ । ଏ ହ । ର ଅନ୍ତରାଳରେ ଧରିତ୍ରୀ ମାଙ୍କୁ ପୂଜାଅର୍ଚନା କରାଯାଏ । ଓଡ଼ିଶାର ପୁର ପଲ୍ଲୀରେ ଏକ ଲୋକୋକ୍ତି ପ୍ରଚଳିତ ଅଛି ଯେ କଦଳୀ ଆଶାଢ଼େ କିଆ ପୋତ ନପୋତ ହୁଅଇ ଠିଆ ।ଏହା ଅତି ସାଧାରଣ ମନେ ହେଲେ ମଧ୍ୟ ଏହାର ଅର୍ଥ ଅତ୍ୟନ୍ତ ତ । ପ୍ତ ର୍ଯ୍ୟ ପୂ ର୍ଣ । ଅ ତ ଏ ବ କୃଷିକାରୀ ମାନଙ୍କ ନିମିତ୍ତ ଏହି ମାସଟି ଅତ୍ୟନ୍ତ ମହତ୍ୱ ପୂର୍ଣ। ଯେତେବେଳେ ସୂର୍ଯ୍ୟଙ୍କର ତେଜ ଅପାତତଃ ଜ୍ୟେଷ୍ଠମାସରେ ଯେତେବେଳେ ଚରମ ବିନ୍ଦୁରେ ପଂହଚେ ସେତେବେଳେ ଆରମ୍ଭ ହୁଏ ଇନ୍ଦ୍ରଙ୍କର ପୃଥିବୀ ଆଗମନ ଯାତ୍ରା ।ତେଣୁ ବସୁମତୀ ସାଂନ ପରେ ବର୍ଷାର ଆରମ୍ଭ ରେ କୃଷିକାର୍ଯ୍ୟ ଆରମ୍ଭ ହୁଏ ।ଅର୍ଥାତ ସବୁ ମଞ୍ଜି ବୁଣା ବୁଣି କାର୍ଯ୍ୟ କୃଷକ ଆରମ୍ଭ କରିଥାନ୍ତି ।ବୀଜ ବିପନ ନିମିତ୍ତ ଏହା ଉପଯୁକ୍ତ ସମୟ ।କାରଣ ଭୂମି ଭିତରର ଉଷ୍ମତା ଓ ବାହାରର

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୪ ଜୁନ୍ ୨୦୨୩, ବୁଧବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଆଗ୍ରହ ସହ ଅପେକ୍ଷା....

ଅଳ୍ପ କିଛି ଘଟଣା ଥାଏ, ଯାହାକୁ ପ୍ରତି ବର୍ଷ ସମଗ୍ର ଭାରତବାସୀ ଅତି ଉତ୍ସୁକତାର ସହିତ ଅପେକ୍ଷା କରିଥାନ୍ତି, ପୁଣି ତା'ଠାରୁ ମଧ୍ୟ ଆହୁରି ଅଳ୍ପ କିଛି ଘଟଣା ରହିଥାଏ, ଯେଉଁଗୁଡ଼ିକ ସେମାନଙ୍କର ସଠିକ୍ ସମୟରେ ଉପସ୍ଥିତି ବା ସଠିକ୍ ସମୟରେ ଉପସ୍ଥିତ ନହେବା ଯୋଗୁଁ ସମ୍ବାଦପତ୍ରଗୁଡ଼ିକର ଶିରୋନାମା ପାଲଟି ଥାଏ । ଆଉ ଏହାଠୁ ମଧ୍ୟ ଆହୁରି ଅଳ୍ପ କିଛି, ଅଥଚ ସର୍ବାଧୁକ ଗୁରୁତ୍ୱପୂର୍ଣ୍ଣ ଘଟଣାଟି ହେଉଛି ଦକ୍ଷିଣପଶ୍ଚିମ ମଉସୁମୀ ବା ମୌସୁମୀର ଆଗମନ, ଯେହେତୁ ଏହା ୧୪୦ କୋଟିରୁ ଅଧିକ ସଂଖ୍ୟକ ଭାରତୀୟଙ୍କ ଜୀବନ ଏବଂ ଜୀବିକାକୁ ଗଭୀର ଭାବରେ ପ୍ରଭାବିତ କରିଥାଏ। ସମ୍ପ୍ରତି କେବଳ ଓଡ଼ିଶା ନୁହେଁ, ଦେଶର ଅଧିକାଂଶ ଭାଗ ଅସହ୍ୟ ଗରମ ଓ ଗୁଳୁଗୁଳିରେ ସନ୍ତୁଳି ହେଉଥିବା ତ ପ୍ରତିଦିନ ଏକ ବଡ଼ ଖବର ପାଲଟୁଛି, କାରଣ ଅଧିକାଂଶ ସହର, ଏପରିକି ଗ୍ରାମାଞ୍ଚଳର ତାପମାତ୍ରା ଦିନରେ ୪୦ ଡିଗ୍ରୀଠୁ ଉପରେ ରହୁଥିବା ବେଳେ ରାତିର ତାପମାତ୍ରା ୩୦ ଡିଗ୍ରୀ ଉପରେ ରହୁଛି । ତେଣୁ ଚାତକ ପକ୍ଷୀ ଭଳି ସମସ୍ତେ ବର୍ଷାର ଆଗମନକୁ ଆତୁର ହୋଇ ଅପେକ୍ଷା କରୁଛନ୍ତି। ସହଜେ ମେ' ଯାଇ ଜୁନ୍ ମାସ ଆସି ଅଧା ପାଖାପାଖି ହୋଇ ଗଲାଣି, ଅଥଚ ମୌସୁମୀ ବର୍ଷାର ଦେଖା ଦର୍ଶନ ନାହିଁ । ତେବେ ଖୁସିର କଥା ହେଉଛି, ଜୁନ୍ ୮ ତାରିଖରେ ଦକ୍ଷିଣପଶ୍ଚିମ ମୌସୁମୀ ତା'ର ଆଗମନ ପଥ ଭାବରେ ପରିଚିତ କେରଳ ରାଜ୍ୟରେ ପ୍ରବେଶ କରି ସାରିଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛି । ପ୍ରତି ବର୍ଷ ଜୁନ୍ ୧ ତାରିଖ ସୁଦ୍ଧା ମୌସୁମୀ ଆସି ଯାଉଥିବା ବେଳେ ଏ ବର୍ଷ ଏହା ସପ୍ତାହେ ଡେରିରେ ପହଞ୍ଚିଛି। ଏ ବର୍ଷର ବିଳମ୍ବରେ ଆଗମନ ମଧ୍ୟ ବିଗତ ୨୭ ବର୍ଷ ଭିତରେ ତୃତୀୟ-ସର୍ବାଧୁକ ବିଳମ୍ବ। ୨୦୧୯ରେ ଏହା ଜୁନ୍ ୮ ତାରିଖରେ ଆସିଥିବା ବେଳେ ୧୯୯୭ ଏବଂ ୨୦୦୨ରେ ଏହା ଜୁନ୍ ୯ ତାରିଖରେ ଆସିଥିଲା ଏବଂ ୨୦୧୩ରେ ସବୁଠୁ ବେଶୀ ଡେରିରେ ଅର୍ଥାତ୍ ଜୁନ୍ ୧୩ ତାରିଖରେ ଆସିଥିଲା । ବିଳମ୍ବିତ ମୌସୁମୀର ଆଗମନ ସମ୍ପର୍କିତ ଦେଶରେ ଉପଲବ୍ଧ ବିଗତ ୧୫୦ ବର୍ଷର ରେକର୍ଡକୁ ଯଦି ଦେଖାଯାଏ, ତା'ହେଲେ ଜଣାପଡ଼େ ଯେ ୧୯୧୮ରେ ମୌସୁମୀ ଖୁବ୍ ଶୀଘ୍ର ମେ' ୧୧ ତାରିଖରେ ଆସି ଯାଇଥିବା ବେଳେ ସର୍ବାଧିକ ବିଳମ୍ବରେ ଆସିଥିଲା ୧୯୭୨ ଜୁନ୍ ୧୮ ତାରିଖରେ। ମୌସୁମୀର ଏହି ଗତି କାଳରେ ଦେଶର ପ୍ରତ୍ୟେକ ଭାଗରେ ପରିବ୍ୟାପ୍ତ କୃଷି କ୍ଷେତ୍ରଗୁଡ଼ିକ ବର୍ଷା ଜଳ ଲାଭ କରି ଫସଲ ଉତ୍ପାଦନ କରିବାର ସୁଯୋଗ ଦେବା ସଙ୍ଗେ ସଙ୍ଗେ ଜଳ ଭଣ୍ଡାର ଓ ଜଳାଞ୍ଚଳଗୁଡ଼ିକରେ ଜଳ ଭର୍ତ୍ତି ହୋଇଥାଏ, ଯେଉଁଥିରୁ ଅନ୍ୟାନ୍ୟ ଅନେକ ଆବଶ୍ୟକତା ସହିତ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହୋଇଥାଏ । ମୌସୁମୀ ବର୍ଷା ସମଗ୍ର ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ବର୍ଷା ଜଳ ଉପରେ ଦେଶରେ ଫସଲ ହେଉଥିବା ୫୧ ପ୍ରତିଶତ କୃଷି କ୍ଷେତ୍ର ଉପରେ ନିର୍ଭର କରିଥାଏ ଏବଂ ଏହା ଦେଶର ମୋଟ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରକୁ ହାରାହାରି ୪୦ ପ୍ରତିଶତ ଅବଦାନ ରଖୁଥାଏ। ଚଳିତ ବର୍ଷର ମୌସୁମୀକୁ ପ୍ରଭାବିତ କରୁଥିବା ଦୁଃସମ୍ବାଦଟି ହେଉଛି- ଏଲ୍ ନିନୋ । କେବଳ ଏଇ ବର୍ଷ ନୁହେଁ, ଆଗାମୀ ସମୟରେ ଏଇ ଏଲ୍ ନିନୋ ବିଭିନ୍ନ ଦେଶମାନଙ୍କୁ ପ୍ରଭାବିତ କରିବାକୁ ଯାଉଛି, ଯେହେତୁ ଦେଶମାନେ ବିଶ୍ୱ ତାପାୟନ ଏବଂ ଜଳବାୟୁ ପରିବର୍ତ୍ତନର ଧାରାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି । ଏହା ଯେଉଁ ଧରଣର କାର୍ଯ୍ୟକ୍ରମମାନ ଆବଶ୍ୟକ କରୁଛି, ସେସବୁ କାର୍ଯ୍ୟ କରିବାକୁ କ୍ୱଚିତ୍ କୌଣସି ଦେଶ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସମ୍ପାଦନ କରିବାକୁ ଆଗ୍ରହ ପ୍ରଦର୍ଶନ କରୁଛନ୍ତି । କିଛି ଦିନ ପୂର୍ବେ ଆଇଏମ୍ଡିର ରିପୋର୍ଟ ଦୃଢ଼ ଭାବରେ ଦର୍ଶାଇ ଥିଲା ଯେ ଏଲ୍ ନିନୋର ପ୍ରଭାବ ଫଳରେ ଦେଶର ବୃଷ୍ଟିପାତ-ନିର୍ଭରଶୀଳ ଅଞ୍ଚଳଗୁଡ଼ିକରେ ବର୍ଷାର ପରିମାଣ ହାରାହାରି ପରିମାଣର ୯୨ରୁ ୧୦୪ ପ୍ରତିଶତ ମଧ୍ୟରେ ରହିବ । ଏ ଦୃଷ୍ଟିରୁ ବର୍ଷାର ପରିମାଣ 'ସ୍ୱାଭାବିକ' ରହିବ ବୋଲି କୁହାଗଲେ ସୁଦ୍ଧା ଏଥିରେ ମଧ୍ୟ ଅଧିକ ପରିମାଣରେ ଭିନ୍ନତା ଦେଖିବାକୁ ମିଳିପାରେ ଅର୍ଥାତ୍ ବର୍ଷା ଋତୁରେ ଦୀର୍ଘଦିନ ପର୍ଯ୍ୟନ୍ତ ଶୁଷ୍କ ଏବଂ ବର୍ଷାବିହୀନ ଦିନଗୁଡ଼ିକ ପରେ ପରେ ପ୍ରବଳ ବୃଷ୍ଟିପାତ ଦେଖିବାକୁ ମିଳିପାରେ। ତେବେ ମୋଟାମୋଟି ଜୁଲାଇ, ଅଗଷ୍ଟ ମାସର ବର୍ଷା ଚାଷୀମାନଙ୍କ ପାଇଁ ଭରସାର ବୀଜ ବପନ କରିଥାଏ ଏବଂ ଏହି ମାସରେ ମୌସୁମୀର ବିକ୍ଷିପ୍ତ ଆବଣ୍ଟନ କମ୍ ହେବାର ଆଶଙ୍କା ଥିବାରୁ ଏହା କୃଷି ଉତ୍ପାଦନକୁ ଯଥେଷ୍ଟ ପ୍ରଭାବିତ କରିବାର ସମ୍ଭାବନା ରହିଛି । ସମୟ ଉପନୀତ ହୋଇଛି, ନୀତି ନିର୍ମାତାମାନେ ଜନସଂଖ୍ୟାର ଏକ ବିପୁଳ ସଂଖ୍ୟାକୁ ସୁରକ୍ଷା ଦେବା ପାଇଁ ପଥ ନିର୍ଦ୍ଧାରଣ କରିବା ଉଚିତ । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହରୁ ଏମିତିରେ ହାଲ୍‌କା ଭାବରେ ବୈଷୟିକ ଏବଂ ଯାନ୍ତ୍ରିକ ସମାଧାନର କଥା କହି ନଥିଲେ । ଏସବୁ ବର୍ତ୍ତମାନ ଅତି ଜରୁରୀ ହୋଇ ପଡ଼ିଛି । ଆଶା କରାଯାଏ, ଆମର ବୈଜ୍ଞାନିକ ଓ ପାଣିପାଗ ବିଶେଷଜ୍ଞମାନେ ଏଲ୍ ନିନୋର ପ୍ରଭାବକୁ କ୍ଷୁଣ୍ଣ କରିବା ପାଇଁ ଆସନ୍ତା ସମୟମାନଙ୍କରେ କିଛି ନା କିଛି ସମାଧାନର ପନ୍ଥା ବାହାର କରିବେ।

ମାଟି ମା'ର ପର୍ବ-ରଜ

ଜୟଶ୍ରୀ ପଟ୍ଟନାୟକ

ଉତ୍କଳର ପର୍ବପର୍ବାଣି ନିଜସ୍ୱ ମହିମାରେ ମହିମାନ୍ୱିତ । ଋତୁ ଅନୁସାରେ ଆମେ ଅନେକ ପର୍ବ ପାଳିଥାଉ । ସେମିତି ବର୍ଷାଋତୁର ଆଦ୍ୟରେ ପାଳିତ ହୋଇଥାଏ ରଜ । ଆଷାଢ଼ର ପ୍ରଥମ ପର୍ବ ହେଲା ରଜ । ଏହା ଓଡ଼ିଆର ଜାତୀୟ ପର୍ବ । ମାଟି ମା' ର ପର୍ବ । କୃଷିର ପର୍ବ । ଚିତ ବିନୋଦକ ପର୍ବ । ରଜ ମଉଜର ପର୍ବ । ମାଟି ମେଘର ମିଳନ ପର୍ବ । ସୃଷ୍ଟି- ସୃଜନର ପର୍ବ । ଭୂମି ରଜସ୍ୱଳା ପର୍ବ ମଧ୍ୟ । ବୃଷମାସର ବା ଜ୍ୟେଷ୍ଠ ମାସର ଶେଷଦିନ ଓ ଆଷାଢ଼ ମାସର ବା ମିଥୁନ ମାସର ସଂକ୍ରାନ୍ତି ଓ ତହିଁ ପରଦିନ ଏହି ତିନିଦିନକୁ ରଜ ବୋଲାଯାଏ । ସଙ୍କ୍ରାନ୍ତି ପୂର୍ବଦିନକୁ ପହିଲି ରଜ ଓ ପରଦିନଟିକୁ ଭୂଇଁ ଦହନ କୁହାଯାଏ । ରଜ ଅର୍ଥାତ ରଜସ୍ୱଳା । ଏହି ତିନିଦିନ ପୃଥିବୀ ରଜସ୍ୱଳା ହେବାର ଶାସ୍ତ୍ର କଳ୍ପିତ । ତେଣୁ ଏହି ସମୟରେ ପୃଥିବୀ ମାତାକୁ ବିଶ୍ରାମ ଦେବା ନିମନ୍ତେ ସମସ୍ତ ପ୍ରକାର ବିଧାନ ପାଳନ କରାଯାଏ ।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । କୃଷିକୁ ଜୀବିକା କରି ଚଳୁଥିବା ଅଧିକାଂଶ ଜନସାଧାରଣ କୃଷିକୁ ଅଧିକ ଗୁରୁତ୍ୱ ଦେଇ କୃଷିଭିତିକ ପର୍ବପର୍ବାଣି ପାଳନ କରିଥାନ୍ତି । ରଜ ପର୍ବରେ ମାଟି, ପାଣି, ପବନର ମହତ୍ୱକୁ ଉପଲବ୍ଧି କରାଯାଏ । ମାଟି ଆମର ମାଆ ଆମର ଧାତ୍ରୀ । ମାଟିର ଶରୀର ବି ନାରୀ ପରି । ସେ ରଜସ୍ୱଳା ହୁଏ। ସୃଷ୍ଟିର ସମ୍ଭାବନା ପାଇଁ ନିଜକୁ ପ୍ରସ୍ତୁତ କରେ । ସେଥିପାଇଁ ଏହି ପର୍ବର ନାମ ରଜ । ଯେଉଁଭଳି ନାରୀଟିଏ ରଜସ୍ୱଳା ହେଲେ ତାକୁ ତିନିଦିନ ଧରି କେହି ଛୁଅଁନ୍ତି ନାହିଁ ସେ କୌଣସି ପୂଜା ବା ପର୍ବ ବା ଖାଦ୍ୟ ବସ୍ତୁକୁ ଛୁଏଁନାହିଁ ପୁରୁଷକୁ ଦର୍ଶନ ବା ସ୍ପର୍ଶ କରିବାରେ ବାରଣ କରାଯାଏ । ତାର ଶରୀରକୁ ବିଶ୍ରାମ ଦରକାର । ଆବଶ୍ୟକ ପୁଷ୍ଟି ଦରକାର ପଡ଼େ ଓ ବାହ୍ୟ ସଂକ୍ରମଣରୁ ରକ୍ଷା ପାଇବାପାଇଁ ତାକୁ ବିଶ୍ରାମ ଦିଆଯାଏ । ସୂର୍ଯ୍ୟ ମୃଗଶିରା ନକ୍ଷତ୍ରରେ ଅବସ୍ଥାନ କଲେ ପୃଥିବୀ ରଜସ୍ୱଳା ହୁଏ । ରଜସ୍ୱଳା ମାଟି ନାରୀପରି ତିନିଦିନ ବିଶ୍ରାମ ନିଏ । ଏହି ତିନିଦିନ ଚାଷକାମ, ଭୂମି କର୍ଷଣ, ଖନନ କାର୍ଯ୍ୟ ବନ୍ଦ ରୁହେ । ରଜବତୀଟିଏ ଚତୁର୍ଥଦିନ ଶୁଦ୍ଧ ସ୍ନାନ କରି ସୂଚୀମନ୍ତ ହେଲାପରେ କାମରେ ଲାଗେ । ସେହିପରି ଧରିତ୍ରୀ ମା ପହିଲି ଆଷାଢ଼ର ବର୍ଷାସ୍ପର୍ଶରେ ଋତୁମତୀ ହୁଏ। ମନ ପୁଲକିତ ହୁଏ, ହୃଦୟରେ ନୂତନ ଉନ୍ମାଦନା ଜାଗ୍ରତ ହୁଏ । ମେଘ ଖୁସିରେ ବିଜୁଳି, ରୋଷଣୀ ଘଡ଼ଘଡ଼ି ଓ ପବନର ପଟୁଆରରେ ମୌସୁମୀକୁ ନେଇ ମାଟିକୁ ଭିଜାଏ, ଉଲ୍ଲସିତ କରେ ମାଟି ମନକୁ । ଚାଷକାମ ପାଇଁ ମାଟିକୁ ପ୍ରସ୍ତୁତ କରାଏ । ତେଣୁ ମାଟିକୁ ବିଶ୍ରାମ ଦିଆଯାଏ । ହଳ ଲଙ୍ଗଳ, କର୍ଷଣ ସବୁ ନିଷେଧ କରାଯାଏ । ଏପରିକି ମାଟିକୁ କଷ୍ଟ ହେବ ବୋଲି ମାଟି ଉପରେ ଜୋର୍ ସେ ଚାଲିବା ମନା । ବିହନ ବୁଣିବା, ଗଛ ଲଗାଇବା ଚାଷ କରିବା ସବୁ ବନ୍ଦ । ଝିଅଟିଏ ଯେପରି ପ୍ରଥମ ଋତୁଚକ୍ର ଆରମ୍ଭ ହେଲେ ତାର ଗର୍ଭାଶୟରେ ଡିମ୍ବାଣୁ ତିଆରି ହୁଏ ସୃଷ୍ଟିପାଇଁ ଶରୀର ସମର୍ଥ ହୁଏ ସେହିପରି ମାଟି ତଥା ଭୂମିକୁ ଉର୍ବରତା ବଢ଼ିବା ନିମନ୍ତେ ସମୟ ଦିଆଯାଏ । ଆଷାଢ଼ରେ ମାଟିସହ ମେଘର ମିଳନ ଘଟିଥାଏ । ପୃଥିବୀ ରଜସ୍ୱଳା ହୁଏ । ତେଣୁ ମାଟିକୁ ବିଶ୍ରାମ ଦିଆଯାଏ । ମାଟି ତାପରେ ଉତ୍ପାଦନକ୍ଷମ ହୁଏ । ଜମିକୁ ଶସ୍ୟ ଉପୁଜେଇବା ପାଇଁ କର୍ଷଣ କରାଯାଏ । କୃଷିକର୍ମ ଆରମ୍ଭ ହୁଏ । ଏହି ତିନିଦିନ ଗାଁ ଗଣ୍ଡା, ପୁରପଲ୍ଲୀ ଉତ୍ସବ ମୁଖର ହୋଇଉଠେ । ରଜ ପୂର୍ବଦିନ ଘର ଦ୍ୱାର ଲିପାପୋଛା କରି ବିରି ବଟା, ମସଲା କୁଟା, ମସଲା ବଟା, ଢିଙ୍କିରେ ଚୂନା କୁଟିବା, ମସଲା



ଗୁଣ୍ଡକରି ରଖିବା ଇତ୍ୟାଦି କାମ ସରିଥାଏ । ବାରି ଅଗଣା ଲିପା ପୋଛା କରି ଚିତା ଦିଆଯାଏ । କଟା ବଟା ଆଦି କାମ ସରିଥାଏ । କାରଣ ଏହି ତିନିଦିନ କଟା ବଟା ମାଟି ଖନନ, କ୍ଷୌରହେବା, ଲୁଗାସଫା ସବୁ କାମ ବନ୍ଦ ରୁହେ । ପହିଲି ରଜ ଦିନ ରାତି ନ ପାହୁଣୁ ଷଠୀ ଠାକୁରାଣୀଙ୍କ ପ୍ରତୀକ ଶିଳ ଶିଳପୁଆ ଧୋଇ, ଲକ୍ଷ୍ମୀ ଠାକୁରାଣୀଙ୍କ ପ୍ରତୀକ ଭାବରେ ଗୁଆକୁ ହଳଦୀ ପାଣିରେ ଧୋଇ ପିଢ଼ା ଉପରେ ରଖାଯାଏ । କୃଷି ଉପକରଣ ଥୁଆ ହୁଏ । ଫୁଲ, ଧୂପ, ଦୀପ, ବରକୋଳି ପତ୍ର, ଦୂବ ଦେଇ, ହୁଳହୁଳି ପକାଇ ବନ୍ଦେଇ ତିନିଦିନ ଠାକୁରାଣୀଙ୍କର ସଜ ବସେ । ସେହିଦିନଠାରୁ ଠାକୁରାଣୀଙ୍କର ତିନିଦିନ ଯାଏଁ ସ୍ନାନ ବନ୍ଦ ରୁହେ । ତେଣୁ ଘରେ ଦେବପୂଜା ମଧ୍ୟ ନାରୀମାନେ କରନ୍ତିନାହିଁ । ରଜ ସଂକ୍ରାନ୍ତିର ପୂର୍ବଦିନ ଅର୍ଥାତ୍ ମାସାନ୍ତ ଦିନ ବା ପହିଲି ରଜ ଦିନକୁ ସଜବାଜର ଦିନ କୁହାଯାଏ । ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ଦିନକୁ ଶେଷରଜ, ଭୂଇଁ ଦହଣ, ଭୂମି ଦହନ ବା ଭୂଦାହ କୁହାଯାଏ । ଏହିଦିନ ଭୂମିକୁ ଆଘାତ କରାଯାଏନାହିଁ । ଘର ଚାରିପଟେ ସାପ ଦାଉରୁ ରକ୍ଷା ପାଇବା ପାଇଁ ଖଡିରେ ଗାର ଟାଣି ଦିଆଯାଏ । ଏହି ତିନିଦିନ କୁମାରୀ କନ୍ୟାମାନେ ସଜବାଜ ହୋଇ ମଥାରେ ଚନ୍ଦନ କୁଙ୍କୁମ ଲଗାଇ, ପାଦରେ ଅଳତା ଲଗାଇ, ନୂଆ ଜାମା ପିନ୍ଧି, ପିଠାପଣା ଖାଇ, ଦୋଳିରେ ଝୁଲି, ପାଦରେ କଦଳୀ ଗଛ କିମ୍ବା ଗୁଆ ଖେଳପାକୁ ପାଦରେ ପିନ୍ଧି, ଖେଳ, ନାଚ, ଗୀତ, ପୁଚିଖେଳରେ ମଉଜ କରିଥାନ୍ତି । ଆବାଳବୃଦ୍ଧବନିତା ତାସ ଲୁଡୁପାଲି ଖେଳରେ ମାତିଥାନ୍ତି । କୃଷକର ମଧ୍ୟ ଚାଷ କାମ ନଥିବାରୁ ମନରେ ଖୁସି ଥାଏ । ବିଦେଶରେ କିମ୍ବା ନିଜ ଘରଠାରୁ ଦୂରରେ ରହୁଥିବା ଚାକିରିଆ ପୁଅମାନେ ଘରକୁ ଆସିଥାନ୍ତି ଏହି ଗଣପର୍ବ ବା ସାମୁହିକ ପର୍ବରେ ନିଜକୁ ସାମିଲ କରିବା ପାଇଁ । ରଜର ଦ୍ୱିତୀୟ ବିଶେଷତ୍ୱ ହେଲା ରଜଦୋଳି । ଏଥି ନିମନ୍ତେ ବାଉଁଶ ଦୋଳି, ପଟାଦୋଳି ଗଛ ଦୋଳି, ରସି ଲଗା ଦୋଳି ମାନ ବନ୍ଧା ଯାଇଥାଏ । କୁଆଁରୀ କନ୍ୟାମାନେ, ବିବାହିତ ଝିଅ ବୋହୂ ରଜଗୀତ ଗାଇ, ରଜପାନ ଖାଇ ଓଠକୁ ଲାଲି କରି ଖୁସିରେ ଦୋଳି ଖେଳନ୍ତି । କାରଣ ଏହି ସମୟରେ ଘରର କାମ କିଛି ନଥାଏ । ଏହି ତିନିଦିନ ପିଠାପଣା ଖାଇ ଦିନରେ ରୁହନ୍ତି ଏବଂ ସଂଧ୍ୟା ପୂର୍ବରୁ ସାହି ପଡିଶାଙ୍କ ସହିତ ସାମୁହିକ ଭୋଜନ କରାଯାଏ ଯାହାକୁ ରଜ ପାରି କୁହାଯାଏ । ରଜପାନ ଖାଇ ରଜ ପାଳିବାର ମଜା ଗୋଟେ ନିଆରା ଅନୁଭବ ଦିଏ । ତେଣୁ ଏହି ରଜ ପର୍ବକୁ ମଉଜର ପର୍ବ ମଧ୍ୟ କୁହାଯାଏ । ଏହି ଅବସରରେ ବିବାହିତ ଭଉଣୀ ଓ କନ୍ୟା ଘରକୁ ରଜ ଭାର ପଠାଯାଏ । ପିଠା ମିଠା ବିଭିନ୍ନ ପ୍ରକାରର ଫଳ ଖଇ, ଉଖୁଡ଼ା, ମୁଢ଼ି, ଚୁଡ଼ା ନେଇ ବନ୍ଧୁ ବାନ୍ଧବ ଭେଟ ହୋଇଥାଏ । ସାହି ପଡିଶାରେ ପିଠା ମିଠା ଦିଆନିଆର ସଭାବ ବଢ଼ିଥାଏ ।

ରଜର ଶେଷ ହୁଏ ବସୁମତୀ ସ୍ନାନ ବା ଠାକୁରାଣୀ ଗାଧୁଆ । ଏହି ଦିନ ରଜର ପୂର୍ବଦିନ ବସିଥିବା ଠାକୁରାଣୀ ଶିଳ ଶିଳପୁଆ, ଗୁଆକୁ ଅଗଣାରେ ହଳଦୀ ପାଣିରେ ଗାଧୋଇଦେଇ ନୂଆ ବସ୍ତ୍ର ପିନ୍ଧାଯାଏ। କଳସ ଆମ୍ବଡ଼ାଳ ବସାଇ ଶ୍ରୀ ଗଣେଷଙ୍କୁ ପୂଜା କରି ଭୂଦେବୀ ବା ବସୁମାତା ଓ ଷଠୀଦେବୀଙ୍କୁ ନୈବେଦ୍ୟ ଦେଇ ବନ୍ଦାପନା କରାଯାଏ । ଶଂଖ ହୁଳହୁଳି ଦେଇ, ଫଳ ପୁଷ୍ପ ଭୋଗ ଲଗାଇ ସମସ୍ତେ ସାଷ୍ଟାଙ୍ଗ ହୁଅନ୍ତି ଦେବୀଙ୍କ ପାଖରେ। ଭଲ ବର୍ଷା ଓ ଭଲ କୃଷି ପାଇଁ କାମନା କରନ୍ତି । କାରଣ ଓଡ଼ିଶାର ଅଧିବାସୀଙ୍କର ପ୍ରଧାନ ଜୀବିକା ହେଉଛି କୃଷି ଏବଂ ଏହି କୃଷି ପାଇଁ ତାକୁ ନିର୍ଭର କରିବାକୁ ପଡ଼େ ମୌସୁମୀ ବର୍ଷାକୁ । ଭୂମି ଆମର ମାତୃ ସ୍ୱରୂପା ସେ ଆମର ଲକ୍ଷ୍ମୀ । ମେଘ ଓ ମାଟିର ମିଳନରେ ମାଟିର ଉର୍ବର ଶକ୍ତି ବଢ଼େ । ମାଟି ଚାଷପାଇଁ ଅନୁକୂଳ ହୁଏ । ତାପରେ କୃଷକ କୃଷି କାର୍ଯ୍ୟରେ ମନ ଦିଏ । ତେଣୁ ଏହା କୃଷି ଭିତିକ ପର୍ବ । ରଜରେ ପୋଡପିଠା ଓ ରଜପାନ ଖାଇବାର ବିଧି ଥାଏ । ପୋଡପିଠା ସ୍ୱାସ୍ଥ୍ୟ ଉପଯୋଗୀ କାରଣ ଏହାଚୂଲିର ରଡନିଆଁରେ ପୋଡାଯାଏ ସବୁ ପ୍ରକାର ଖାଦ୍ୟସାର ଯଥା ବଟାବିରି, ଚାଉଳ ଚୂନା, କୋରା ନଡ଼ିଆ, ଗୁଡ଼, ଛେନା, ଅଦା, ଗୋଲମରିଚ, କାଜୁ, କିସ୍‌ମିସ ଗୋଳାଇ କଦଳୀପତ୍ରରେ ଘିଅବୋଳି ଉପରେ ରଡ଼ନିଆଁ ଥୋଇ ପ୍ରସ୍ତୁତ ହୋଇଥାଏ। ଏହା ଖୁବ୍ ସୁସ୍ୱାଦୁ ଏବଂ ସ୍ୱାସ୍ଥ୍ୟ ଉପଯୋଗୀ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

ବିଶ୍ୱ ରକ୍ତଦାତା ଦିବସ-୨୦୨୩

ଇଂ.ଡ. ହୃଷୀକେଶ ସାହୁ

ଜୁନ୍ ମାସ ୧୪ତାରିଖ- ବିଶ୍ୱ ରକ୍ତଦାତା ଦିବସ । ସାରା ବିଶ୍ୱ ଏହାକୁ ପାଳନ କରିଆସୁଛି । ଆଜି ମଧ୍ୟ ରଜ ସଂକ୍ରାନ୍ତି, ପ୍ରବାଦ ପୁରୁଷ, ଓଡ଼ିଆଙ୍କ ଗୌରବ, ବାଲେଶ୍ୱର ମାଟିର ସୁଯୋଗ୍ୟ ସନ୍ତାନ, ଆମ ଭାଷା ସୁରକ୍ଷାର ଅନ୍ୟତମ ସାରଥି ଫକୀରମୋହନ ସେନାପତିଙ୍କର ମହାପ୍ରୟାଣ ଦିବସ ।

ଉଲେଖ୍ୟଯୋଗ୍ୟ ଯେ, ଭିଏନାରେ ଜନ୍ମିତ ଅଷ୍ଟ୍ରେଲିଆର ବିଶିଷ୍ଟ ବୈଜ୍ଞାନିକ କାର୍ଲ ଲ୍ୟାଣ୍ଡଷ୍ଟେନର ୧୯୦୦ ମସିହାରେ ମଣିଷ ବଞ୍ଚିବାର ଏକ ଜୀବନ ରକ୍ଷା କବଚ ଆବିଷ୍କାର କରିଥିଲେ । ତାହା ଥିଲା ରକ୍ତର ବର୍ଗୀକରଣ ଯାହାଫଳରେ ବିଶ୍ୱବାସୀ ରକ୍ତଜନୀତ ରୋଗର ନିରାକରଣ ଓ ଫିଜିଓଥେରାପି ବା ମେଡିସିନ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ଯଦିଓ ୧୯୦୦ ମସିହା ପରେ ବହୁ ବୈଜ୍ଞାନିକ ରକ୍ତ ସମ୍ବନ୍ଧୀୟ ଗବେଷଣା କରି ବିଭିନ୍ନ ଦିଗରେ ବହୁ ତଥ୍ୟ ଆବିଷ୍କାର କରିଛନ୍ତି, ତେବେ ପ୍ରଥମେ ରକ୍ତର ବିଭାଗ ବା ଗ୍ରୁପ କାର୍ଲ ଲ୍ୟାଣ୍ଡଷ୍ଟେନର ଆବିଷ୍କାର କରିଥିବାରୁ ତାଙ୍କ ଜନ୍ମ ଦିନ ଜୁନ୍ ୧୪ ତାରିଖକୁ ବିଶ୍ୱବାସୀ 'ବିଶ୍ୱରକ୍ତଦାତା ଦିବସ' ଭାବରେ ପାଳନ କରିଆସୁଛନ୍ତି । କାର୍ଲ ଲ୍ୟାଣ୍ଡଷ୍ଟେଡ଼ନରଙ୍କ ଜନ୍ମ ୧୮୬୮ ମସିହା ଜୁନ ମାସ ୧୪ ତାରିଖ ଓ ସେ ନିୟର୍କ ସହରରେ ଅବସ୍ଥାନ କରୁଥିବା ସମୟରେ ୧୯୪୩ ମସିହା ଏହି ଜୁନମାସ ୨୬ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ ।

'ବିଶ୍ୱ ରକ୍ତଦାତା ଦିବସ'ର ମୂଳଲକ୍ଷ୍ୟ ହେଉଛି- ଯେଉଁ ସ୍ୱେଚ୍ଛା ରକ୍ତଦାତାମାନେ କୌଣସି ଉଦ୍ଦେଶ୍ୟ ନରଖି ବା କୌଣସି ସ୍ୱାର୍ଥର ବଶବର୍ତ୍ତୀ ନହୋଇ ଉତ୍ସର୍ଗୀକୃତ ଭାବରେ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ହସି ହସି ରକ୍ତଦାନ କରିଥାଆନ୍ତି, ସେହିମାନଙ୍କୁ ଆଜିର ଦିବସରେ ଧନ୍ୟବାଦ ଦେବା, କୃତଜ୍ଞତା ଜଣାଇବା ଓ ସମ୍ମାନିତ କରିବା ଓ ତତ୍‌ସହିତ ନିରାପଦ ରକ୍ତ ସଂଗ୍ରହ ଦିଗରେ ସଚେତନତା ସୃଷ୍ଟି କରିବା । ପ୍ରତିବର୍ଷ ଭଳି ଆଜି ୨୦ତମ 'ବିଶ୍ୱରକ୍ତ ଦାତା ଦିବସ' ପାଳନ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସାରା ବିଶ୍ୱବାସୀଙ୍କୁ ବାର୍ତ୍ତା ଦେଉଛି ରକ୍ତ, ପ୍ଲାଜମା ଦାନ କରନ୍ତୁ ଓ ବାରମ୍ବାର ଏହା କରିଚାଲନ୍ତୁ । ଫଳତଃ ଆବଶ୍ୟକ ବେଳେ ରକ୍ତଦାତାମାନେ ରକ୍ତ ପ୍ଲାଜମା ଦାନକରି ଅନ୍ୟର ଜୀବନ ଓ ସ୍ୱାସ୍ଥ୍ୟକୁ ନିରାପଦ ରଖିପାରିବେ ।

ପ୍ରଥମ କରି ସାରା ବିଶ

ବନସ୍ତେ ଡାକିଲା ଗଜ

ଓଡ଼ିଶାରେ କୃଷିଭିତ୍ତିକ ଗଣପର୍ବ ରଜ

ଡକ୍ଟର ଲକ୍ଷ୍ମଣ ସାହୁ

ପ୍ରକୃତି ଓ ପରମ୍ପରାର ଏକ ମଧୁର ସମନ୍ୱୟ ଲୁଚି ରହିଛି । ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ମାଟି ଓ ମୌସୁମୀର ମିଳନ ଏକ ଅପୂର୍ବ ପୁଲକ ଭରି ଦିଏ କୃଷକ ମନରେ । ପୃଥିବୀର ମାତୃତ୍ୱ କାମନା କରି ଜୟ ଗୀତ ଗାନ କରେ କୃଷକ । ଆଦ୍ୟ ଆଷାଢର ପ୍ରଥମ ବାରିପାତରେ ପୃଥିବୀ ଋତୁମତୀ ହୋଇଥିବାରୁ ଖୁସିରେ ଉତ୍ସବ ମୁଖର ହୋଇ ଉଠେ ଚର୍ତୁପାଶ୍ୱ । ପୂର୍ଣ୍ଣ ଯୌବନର ଦୀପ୍ତି ନେଇ ଧରିତ୍ରୀକୁ ଆସିଥାଏ ମାଟି ଓ ମୌସୁମୀର ମିଳନର ପର୍ବ ରଜ । ବର୍ଷ ସାରା ମୁଣ୍ଡ ଝାଳ ତୁଣ୍ଡରେ ମାରି କାମ କରୁଥିବା କୃଷକ ଶରୀର ପାଇଁ ବିଶ୍ରାମ ଆଉ ମନ ପାଇଁ ଆନନ୍ଦର ଅବସର ଆଣି ଦେଇଥାଏ ଏହି ପର୍ବ । ରଜ ହେଉଛି ଗଣ ପର୍ବ । ପ୍ରତ୍ୟେକ ଓଡିଆଙ୍କ ପାଇଁ ବିଶେଷ ଗୁରୁତ୍ୱ ରଖୁଥିବା କୃଷି ଭିତ୍ତିକ ପର୍ବ, ମା' ବସୁଧା ପ୍ରତି ଏକ ସମ୍ମାନବୋଧ ଓ କୃତଜ୍ଞତା ପ୍ରଦାନ କରୁଥିବା ସୁନ୍ଦର ଉତ୍ସବ ହେଉଛି 'ରଜପର୍ବ' ।

ପୌରାଣିକ ଦୃଷ୍ଟିରୁ ରଜ ପର୍ବକୁ ଓଡ଼ିଆ ଜାତିର ଜାତୀୟ ମହୋତ୍ସବ ଭାବେ ଗ୍ରହଣ କରାଯାଏ । କିମ୍ବଦନ୍ତୀ ବହୁଳ ରଜ ପର୍ବ ବିଷୟରେ ବିଭିନ୍ନ ପୌରାଣିକ ଓ ସାମାଜିକ ପୃଷ୍ଠଭୂମି ଲୁଚି ରହିଛି । ଲଙ୍କାରେ ମହା ପ୍ରତାପୀ ରାଜା ରାବଣ ରାଜୁତି କରୁଥିବା ସମୟରେ ମୟଦାନବ ନାମରେ ଆଉ ଜଣେ ରାଜା ଭିନ୍ନ ଏକ ରାଜ୍ୟରେ ଶାସନ କରୁଥିଲା । ଉଭୟଙ୍କ ମଧ୍ୟରେ ନିବିଡ଼ ବନ୍ଧୁତ୍ୱ ଥିଲା । ରାବଣ ମୟଙ୍କ ଦରବାରକୁ ଯିବା ଆସିବା କରୁଥିଲା । ରାଜା ମୟଙ୍କର ମନ୍ଦୋଦରୀ ନାମରେ ଅତି ସୁନ୍ଦରୀ କନ୍ୟାଟିଏ ଥିଲା । ରାବଣ ପ୍ରତିଭାବାନ, ବୀର ଓ ସୁନ୍ଦର ଥିବାରୁ ଉଭୟେ ପରସ୍ପର ପ୍ରତି ଆକର୍ଷିତ ଓ ମିଳନରୁ ମନ୍ଦୋଦରୀ ଗର୍ଭଧାରଣ କଲେ । ଅବିବାହିତ ମନ୍ଦୋଦରୀଙ୍କ ଠାରୁ ସୁନ୍ଦରୀ କନ୍ୟାଟିଏ ଜନ୍ମ ନେବା ଫଳରେ ପିତା-ମାତାଙ୍କ ପାଇଁ ବଦନାମର କାରଣ ହେଲା । ତେଣୁ ରାଜା ମୟ ଉକ୍ତ ଶିଶୁ କନ୍ୟାକୁ ବିଳମ୍ବିତ ରାତ୍ରରେ ଦୂର ରାଜ୍ୟରେ ଥିବା ମିଥିଳା ନଗରୀକୁ ନେଇ ଗୁପ୍ତ ଭାବରେ ଗାତଖୋଳି ପୋତି ଦେଇଥିଲେ । ଏହି କାରଣରୁ ମିଥିଳାରେ ଅକାଳ ଚଡ଼କ ପଡ଼ି ବର୍ଷା ହେଲା ନାହିଁ । ମିଥିଳାବାସୀ ତ୍ରାହି ତ୍ରାହି ଡାକିଲେ । ସେତେବେଳେ ମିଥୁଳା ରାଜ୍ୟର ପ୍ରଜାବତ୍ସଳ ରାଜା ଥିଲେ ଜନକ । ସେ ପ୍ରଜାଙ୍କ ହିତ ପାଇଁ ଜ୍ୟୋତିଷମାନଙ୍କର ପରାମର୍ଶ ନେଲେ । ଜ୍ୟୋତିଷମାନଙ୍କର ମତାନୁଯାୟୀ ରାଜା ନିଜେ ହଳ ଯୋଚିଲେ ଅକାଳ ଦୂର ହେବ ଜାଣିବା ପରେ ସଂସାରର ହିତ ପାଇଁ ରାଜା ଜନକ ନିଜେ ହଳ ଯୋଚିବାରୁ ଇନ୍ଦ୍ର ଦେବତା ସନ୍ତୁଷ୍ଟ ହୋଇ ଫଳରେ ମୂଷଳ ଧାରାରେ ବର୍ଷା କଲେ । ଏଥିରେ ମିଥୁଳାବାସୀ ଆନନ୍ଦ, ଉଲ୍ଲାସରେ ଗୀତ ଗାଇ ନାଚିବାକୁ ଲାଗିଲେ । ସାରା ମିଥିଳା ରାଜ୍ୟରେ ନାଚଗୀତର ପର୍ବ ଆରମ୍ଭ ହୋଇଗଲା । ପୌରାଣିକ ମତାନୁସାରେ ସେହି ଦିନଠାରୁ ରଜ ପର୍ବର ଆରମ୍ଭ ହୋଇଥିବା ବିଶ୍ୱାସ କରାଯାଏ । କାରଣ ରାଜା ଜନକ ହଳ ଯୋଚି ଏକ କନ୍ୟା ରତ୍ନ (ସୀତା) ଭୂମିରୁ ପାଇଥ ?ବାରୁ ଓ ମିଥିଳାବାସୀଙ୍କୁ ଏହି ପର୍ବ ନାରୀମାନଙ୍କ ପର୍ବ ରୂପେ ପାଳନ କରିବାକୁ ସ୍ୱୀକୃତି ଦେଇଥିବା କୁହାଯାଏ ।

ସାଧାରଣତଃ ରଜପର୍ବ ପ୍ରତିବର୍ଷ ଜ୍ୟେଷ୍ଠ ମାସର ଶେଷ ଓ ଆଷାଢ ମାସର ପ୍ରାରମ୍ଭରେ (ଜୁନ୍‌ମାସରେ) ରଜପର୍ବ ଚାରିଦିନ ପାଳନ କରାଯାଏ । ରଜପର୍ବର ପ୍ରସ୍ତୁତି ଦିନକ ପୂର୍ବରୁ ଆରମ୍ଭ ହୋଇଥାଏ , ଏହାକୁ ସାଧାରଣରେ ରଜ ସାଜସଜା କୁହାଯାଏ । ରଜର ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତୀୟ ଦିନଟି ରଜସଂକ୍ରାନ୍ତି ତଥା ମିଥୁନ ସଂକ୍ରାନ୍ତି ଓ ତୃତୀୟ ଦିନକୁ ଭୂଇ ଦଅଁଣ କୁହାଯାଇଥିବା ବେଳେ ଚତୁର୍ଥ ଦିନଟିକୁ ବସୁମତି ସ୍ନାନ ଭାବେ ପାଳନ କରାଯାଏ । ଆମର ବାସଭୂମି ପୃଥିବୀ ନିଷ୍ପ୍ରାଣ ମୃତ୍ତିକା ପିଣ୍ଡ ନୁହେଁ, ଏହାର ପ୍ରାଣ ଅଛି । ଏହା ଆମକୁ ପାଳନ କରୁଛି । ଏହି ଚାରିଦିନ ବସୁଧାମାତା ରଜଶ୍ୱଳା ହୋଇଥାନ୍ତି । ଏହି ଗୂଢ ତତ୍ତ୍ୱକୁ ସ୍ୱୀକାର କରିବା ହେଉଛି ରଜପର୍ବର ମୂଳମନ୍ତ୍ର ।

ରଜରେ ମୌସୁମୀ ବର୍ଷାର ପ୍ରଥମ ସ୍ପର୍ଶ ପାଏ ଧରିତ୍ରୀ ମାତା । ମାଟିର ଭୁରୁଭୁରୁ ଗନ୍ଧ ମହକେଇ ଦିଏ ଚତୁର୍ପାଶ୍ୱ । ଋତୁମତୀ ଧରାର ସଂକେତ ବହନ କରି ସମସ୍ତଙ୍କ ପାଇଁ ମହାନିୟା, ବନ୍ଦନୀୟା ହୁଏ ଧରିତ୍ରୀ ମାତା । ଅକ୍ଷୟ ତୃତୀୟାରେ ଧାନ ଅନୁକୂଳ କରି ବସିଥିବା ଚାଷୀ କ୍ଷେତକୁ ଯିବାକୁ ପ୍ରସ୍ତୁତ ହୋଇଥିଲେ ବି ଏଇ ପାଞ୍ଚଦିନ ତା' ପାଇଁ ବିଶ୍ରାମର ବେଳ । ଏହି ପର୍ବରେ ଝିଅମାନେ ଭୂଇଁରେ ଖାଲି ପାଦରେ ଚାଲିବା ମନା ହୋଇଥାଏ । ଏହି ପର୍ବରେ ମାଟିକୁ କର୍ଷଣ କରିବାକୁ ମଧ୍ୟ ବାରଣ ହୋଇଥାଏ ।

କିମ୍ବଦନ୍ତୀରୁ ଜଣାଯାଏ, ଧରିତ୍ରୀ ମାତା ଏହି ସମୟରେ ରଜଶ୍ୱଳା ହୋଇଥାଏ । ବେଦ ଅନୁଯାୟୀ ମା' ଲକ୍ଷ୍ମୀ ମିଥୁନ ସଂକ୍ରାନ୍ତି ସମୟରେ ରଜଶ୍ୱଳା ହୋଇଥାନ୍ତି । ରଜଶ୍ୱଳା ହେବାର ପ୍ରଥମ ଦିନକୁ ରଜ ଭାବରେ ପାଳନ କରାଯାଏ ଓ ଚତୁର୍ଥ ଦିନରେ ବସୁମତି ସ୍ନାନ କରାପରେ ଏହି ପର୍ବ ଶେଷ ହୋଇଥାଏ । ସାଧାରଣତଃ ସ୍ତ୍ରୀ ଲୋକ ରଜଶ୍ୱଳା ହେଲେ ତିନି ଦିନ ଯେପରି ମୈଥୁନ କର୍ମ ନିଷିଦ୍ଧ ହୋଇଥାଏ । ଠିକ୍ ସେହିପରି ରଜ ତିନି ଦିନ କୃଷି କର୍ମ ମଧ୍ୟ ନିଷିଦ୍ଧ ହୋଇଥାଏ । ପ୍ରକୃତି ଓ ପରମ୍ପରାର ସମନ୍ୱୟ ହେଉଛି 'ରଜପର୍ବ' । ପ୍ରକୃତିର ଋତୁଚକ୍ରରେ ଠିକ୍ ଏହି ସମୟ ବେଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡିଶା ଉପକୂଳ ଛୁଇଁଥାଏ । ଏହାର ପ୍ରଭାବରେ ସାରା ଦେଶରେ ବର୍ଷା ହେବା ସହ ମୃତ୍ତିକା ଅମଳକ୍ଷମ ହେବାପାଇଁ ପ୍ରୟୁର୍ଯ୍ୟ ହୁଏ । ନାରୀଟିଏ ପରି ପୃଥିବୀ ମଧ୍ୟ ରଜଶ୍ୱଳା ହେବା ପରେ ତା'ର ଉତ୍ପାଦିକା କ୍ଷମତା କାର୍ଯ୍ୟକାରୀ କରେ । ଏହାର ଯଥାର୍ଥତା ପ୍ରତିପାଦନ କରେ 'ରଜପର୍ବ' । ଏହା ଏକ ସୁନ୍ଦର ପରମ୍ପରା । ରଜ ଆରମ୍ଭରେ ପୃଥିବୀ ଶସ୍ୟଗର୍ଭା ହେଉ ବୋଲି କାମନା କରାଯାଏ ଓ ବସୁମତୀ ସ୍ନାନ ପରେ କୃଷି କାର୍ଯ୍ୟ ଆରମ୍ଭ ହୋଇଥାଏ । ତେଣୁ ରଜପର୍ବ ହେଉଛି ବର୍ଷାରମ୍ଭ ଶସ୍ୟଗର୍ଭା ପୃଥିବୀର ମାତୃତ୍ୱର ସଫଳତା କାମନା ଓ ସୃଷ୍ଟିର ଜୟ ଉତ୍ସବ ।

ରଜପର୍ବରେ ପ୍ରତ୍ୟେକ ଓଡିଆ ତଥା ଭୂଇଁ ନଅଁଣ ହୋଇଥିବାରୁ ଖାଲି ପାଦରେ ଚାଲନ୍ତି ନାହିଁ । ଗୁଆଖେଳ, କଦଳୀ ବାସୁଙ୍ଗ ଓ ଚପଲ ପିନ୍ଧି ଚାଲନ୍ତି । ପୃଥିବୀ ରଜଶ୍ୱଳା ପାଳନ ବିଧିରେ ଝିଅବୋହୂଙ୍କୁ ଶିକ୍ଷା ଦିଆଯାଏ ଯେ, ପୃଥିବୀ ଯେପରି ଶସ୍ୟଶ୍ୟାମଳାପୂର୍ଣ୍ଣ ହୋଇପାରୁଛି, ସେହିପରି ପ୍ରତ୍ୟେକ ମହିଳାଟିଏ ରଜଶ୍ୱଳା ସମୟରେ ବିଶ୍ରାମ ଓ ମନଖୁସିରେ ରହିଲେ ଉତ୍ତମ ସନ୍ତାନଟିଏ ଜନ୍ମ ଦେଇପାରିବ । ସେଥିପାଇଁ ରଜ ସମୟରେ ନାରୀମାନେ ରୋଷେଇ କରନ୍ତି ନାହିଁ। ଏପରିକି କୌଣସି ଜିନିଷ କାଟିବା କିମ୍ବା ବାଟିବା ପାଇଁ ମଧ୍ୟ ତାଙ୍କୁ ବାରଣ କରାଯାଇଥାଏ ।

ଶେଷରେ ଆସେ ଚତୁର୍ଥ ରଜ ଅର୍ଥାତ୍ ବସୁମତୀ ସ୍ନାନ । ଏହି ଦିନଟି ମଧ୍ୟ ଧରାସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ଭାବରେ ବେଶ ପରିଚିତ । ଏହି ଦିନ ସୂର୍ଯ୍ୟଦୋୟ ପୂର୍ବରୁ ବସୁଧା ମାତାଙ୍କୁ ଶୁଦ୍ଧସ୍ନାନ କରାଯାଇଥିବା ସହ ନାରୀମାନେ ମଧ୍ୟ ସ୍ନାନ କରିଥାନ୍ତି । ବସୁମତି ସ୍ନାନ ସମୟରେ ପିଢା ଉପରେ ଶିଳପୁଆ, କଦଳୀପାତି, ପାଂଚଣ,ଲଙ୍ଗଳଲୁହାକୁ ରଖି ସୁନ୍ଦର ଦିଆଯାଏ । ସୋରିଷ, ହଳଦୀଖଣ୍ଡ, ଫୁଲ, ଜଡାତେଲ ପ୍ରଭୁତିରେ ପୂଜାର୍ଚ୍ଚନା କରାଯାଏ । ଶଙ୍ଖ ଓ ହୁଳହୁଳି ସହିତ ଧୂପଦୀପରେ ବନ୍ଦାପନା କରାଯାଏ । ଶେଷରେ ବସୁଧାମାତାଙ୍କୁ ପ୍ରଣାମ କରି ଉତ୍ତମ ଚାଷ ଓ ଉପଯୁକ୍ତ ବର୍ଷା ପାଇଁ ପ୍ରାର୍ଥନା କରାଯାଇଥାଏ । ପରେ ପରେ ଆରମ୍ଭ ହୋଇଯାଏ କୃଷିକାର୍ଯ୍ୟ । ଫସଲ ଉତ୍ପାଦନ ଭଳି ଗୁରୁତ୍ୱପୂର୍ଣ୍ଣ କୃଷିପର୍ବର ଆରମ୍ଭରୁ ମାଟିକୁ ସଂପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏହି ପର୍ବର ପରିକଳ୍ପନା । ଏ ପର୍ବରେ ପରିବାରର ଲୋକେ କି ଆତ୍ମୀୟସ୍ୱଜନ ଯିଏ ଯେଉଁଠି ଥିଲେ ବି , ଫେରି ଆସିଥାନ୍ତି ଘରକୁ । ବନ୍ଧୁ ବାନ୍ଧବଙ୍କ ଗହଳି ଆଉ ହସ କୌତୁକକ ଆସର ଭୁଲାଇ ଦିଏ କର୍ମମୟ ଜୀବନର ଅବସାଦ । ଖରାର ଦର୍ପ କମିଲା ପରେ ମୌସୁମୀର କଅଁଳ ଛୁଆଁ ଶିହିରିତ କରେ ମନ ପ୍ରାଣକୁ ।

କହିବାକୁ ଗଲେ ରଜ ପର୍ବର ଚିତ୍ତାକର୍ଷକ ମନୋଭାବକୁ ପ୍ରତ୍ୟେକ ଓଡ଼ିଆ ଅନୁଭବ କରେ । ମୌସୁମୀ ଋତୁର ଆଗମନକୁ ସମ୍ମାନିତ କରୁଥିବା ଓଡିଆ ପର୍ବ, ପରମ୍ପରା ଓ ସଂସ୍କୃତିରେ ନିଜକୁ ବୁଡ଼ାଇ ରଖି ପାରମ୍ପାରିକ ଖେଳରେ ଅଂଶଗ୍ରହଣ କରେ । ଘରେ ପ୍ରସ୍ତୁତ ପୋଡ ପିଠା ଓ ଛେନା ପୋଡର ସୁଗନ୍ଧିତ ସ୍ୱାଦକୁ ଆଘ୍ରାଣ କରି ଦେବାଦେବୀ ମନ୍ଦିର ପରିଦର୍ଶନ ଓ ପ୍ରାର୍ଥନାର ଆଧ୍ୟାତ୍ମିକ ଆଭିମୁଖ୍ୟରେ ଆନନ୍ଦିତ ହୁଏ । ରଜ ମହୋତ୍ସବର ସାମ୍ପ୍ରଦାୟିକତା ଠାରୁ ଦୂରେଇ ଏକତ୍ରିତ ହୋଇ ଓଡ଼ିଶାର ଗାଁ ଗଣ୍ଡାରେ ଯାତ୍ରା ହୋଇଥାଏ ।

ପୌରାଣିକ,ଐତିହାସିକ ବା ସାମାଜିକ କାହାଣୀକୁ ଚିତ୍ରିତ କରିବାଠାରୁ ଆରମ୍ଭ କରି ସାଂସ୍କୃତିକ ପ୍ରତୀକକୁ ଆଲୋକିତ କରିବା ପର୍ଯ୍ୟନ୍ତ, ଯାତ୍ରା ପେଣ୍ଡାଲମାନଙ୍କର ଥିମ୍ ଦର୍ଶକମାନଙ୍କୁ ଏକ ଭିନ୍ନ ଜଗତରେ ବୁଡ଼ାଇଥାଏ । ପ୍ରସିଦ୍ଧ ରଜ ପର୍ବ ଯାତ୍ରା ପେଣ୍ଡାଲ କେବଳ ସମ୍ପ୍ରଦାୟକୁ ଏକଜୁଟ କରିନାହିଁ, ବରଂ ଏକ ଭିଜୁଆଲ୍ ଭୋଜି ଭାବରେ କାର୍ଯ୍ୟ କରିଛି । ଚିତ୍ରକଳା ସହ ସତରେ ରଜ ପର୍ବ ପାଳନ ଅବସରରେ ଏକ ଲୋକପ୍ରିୟ ସାଂସ୍କୃତିକ ପ୍ରଦର୍ଶନ ଯାହାକି ଓଡିଶାର ବିବିଧ ଐତିହ୍ୟ ପ୍ରଦର୍ଶନ କରିଥାଏ । ଏହି ପର୍ବରେ ଓଡ଼ିଶୀ ପରି ଚିତ୍ତାକର୍ଷକ ପାରମ୍ପାରିକ ନୃତ୍ୟ ସହିତ ଲୋକ ନୃତ୍ୟ ଜୀବନ୍ତ ହୋଇଥାଏ । ଏହାର ଅନୁକୂଳ ଗତିବିଧି ଓ ଭାବପ୍ରବଣ କାହାଣୀ ପାଇଁ ଜଣାଶୁଣା । ଏପରିକି ଗୋଟିପୁଅ ନୃତ୍ୟ ପ୍ରଦର୍ଶନ ସହ, ସମ୍ବଲପୁରୀ, ଘୁମୁରା ଓ ଡାଲଖାଇ ପରି ଲୋକ ନୃତ୍ୟ ଉତ୍ସବକୁ ଚିତ୍ତାକର୍ଷକ ଗୀତ, ଦାସକାଠିଆ, ଘୁଡିକି, ପାଲା, ରାମଲୀଳା, କୃଷ୍ଣ ଲୀଳା ଆଦି ରଙ୍ଗୀନ ପୋଷାକରେ ଦର୍ଶକ ଉତ୍ସାହିତ ହୁଅନ୍ତି । ଏହି ସାଂସ୍କୃତିକ ପ୍ରଦର୍ଶନ କେବଳ ଚିତ୍ତାକର୍ଷକ ନୁହେଁ ବରଂ ଓଡିଶାର ସମୃଦ୍ଧ କଳାତ୍ମକ ଉତ୍ତରାଧିକାରୀ ଓ ଏହାର ମୂଳ ସହିତ ଗଭୀର ସଂଯୋଗର ସ୍ମାରକ ଭାବରେ କାର୍ଯ୍ୟ କରିଥାଏ । ରଜପର୍ବରେ ରଜଦୋଳି ରଜଗୀତ ବୋଲା ଯାଉଥିବା ଜଣାଶୁଣା ଗୀତ ଯାହା ଗାଆଁଗହଳିରେ ଜନ୍ମ ନେଇଥିଲା । ଗାଁ ମୁଣ୍ଡ ବରଗଛ , ଆମ୍ବ, ତେନ୍ତୁଳି ଆଦି ଗଛରେ ବା ଘରେ ଦୋଳି ବନ୍ଧାଯାଏ । ଦୋଳି ଖେଳୁଥିବା ଝିଅ, ବୋହୂ ଲୋକ ମୁଖରେ ବୋଲାଯାଉଥିବା 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ ' । ଏହି ଗୀତ ଗାନ କରି ଦୋଳି ଖେଳନ୍ତି ।

ପ୍ରକୃତରେ ରଜ ପର୍ବ ଏକ ପର୍ଯ୍ୟାୟରେ ପରିଣତ ହୁଏ , ଯେଉଁଠି ଓଡିଶାର ପାରମ୍ପରିକ ସଂସ୍କୃତିର ଆତ୍ମା ଉଜ୍ଜ୍ୱଳ ଓ ଆଲୋକମୟ ହୋଇଉଠେ...!!!

ଅଧ୍ୟକ୍ଷ, ମହାନଦୀ ବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ , କଟକ -୪
ଦୂରଭାଷା : ୯୦୪୦୧୫ ୧୪୭

ରଜ ପର୍ବ

ବିଷ୍ଣୁରଞ୍ଜନ ପାଣିଗ୍ରାହୀ

ରଜ ପର୍ବ କେବଳ ଓଡ଼ିଶାରେ ପାଳିତ ହେଉଥିବାରୁ ଏହାକୁ ଓଡ଼ିଶାର ନିଜପର୍ବ ଓଡ଼ିଆ ପର୍ବ । ପର୍ବ କହିଲେ ବିଷ୍ଣୁ ପୁରାଣ ଅନୁସାରେ 'ଚତୁର୍ଦ୍ଦଶ୍ୟାଷ୍ଟମୀ ଚୈବ ଅମାବାସ୍ୟାଥ ପୂର୍ଣ୍ଣିମା ପର୍ବଣ୍ୟେ-ତାନି ରାଜେନ୍ଦ୍ର ! ରବି ସଂକ୍ରାନ୍ତି ରେବଚ' - ଚତୁର୍ଦ୍ଦଶୀ, ଅଷ୍ଟମୀ, ଅମାବାସ୍ୟା, ପୂର୍ଣ୍ଣିମା ଓ ରବି ସଂକ୍ରମଣ ବା ସଂକ୍ରାନ୍ତି - ଏହି ପାଞ୍ଚ ପାଞ୍ଚଗୋଟି ହିଁ 'ପଞ୍ଚପର୍ବ' ନାମରେ ପ୍ରସିଦ୍ଧ । 'ରଜ' ଉତ୍ସବ ମିଥୁନ ସଂକ୍ରାନ୍ତିକୁ ନେଇ ଅନୁଷ୍ଠିତ ହେଉଥିବାରୁ - ଏହାକୁ 'ପର୍ବ' ବୋଲି କହିବାରେ ଶାସ୍ତ୍ରୀୟ ସମର୍ଥନ ରହିଛି ।

ଯସ୍ୟାଂ ସମୁଦ୍ର ଉତ ସିନ୍ଧୁରାପୋ
ଯସ୍ୟା ମନ୍ନଂ କୃଷ୍ଟୟଃ ସଂବଭୂବୁଃ ।
ଯସ୍ୟାମିଦଂ ଜିନ୍ୱତି ପ୍ରାଣଦେଜତ୍
ସା ନୋ ଭୂମିଃ ପୂର୍ବପେୟେ ଦଧାତୁ ।

ଯେଉଁ ପୃଥିବୀ ଉପରେ ସମୁଦ୍ର, ନଦୀ ଓ ଜଳ ରହିଛନ୍ତି, ଯେଉଁଥିରେ ଅନ୍ନ ଓ ମାନବସୃଷ୍ଟିର ସତ୍ତା ରହିଛି, ଯେଉଁଠାରେ ସମସ୍ତେ ଆନନ୍ଦିତ ହୁଅନ୍ତି, ଶ୍ୱାସ ପ୍ରଶ୍ୱାସ ନିଅନ୍ତି, ତାହା ବିଚରଣ କରନ୍ତି, ସେହି ଭୂମିକୁ ଆମେ ପ୍ରଥମ ସମ୍ମାନ ଦେବା ।

ପୃଥିବୀ ପ୍ରତି ଏହି ସମ୍ମାନବୋଧ, କୃତଜ୍ଞତା ଓ ଚେତନତ୍ୱର ଆରୋପ ହିଁ ରଜ ଉତ୍ସବର ମୂଳତତ୍ତ୍ୱ । ଆମର ବାସଭୂମି ପୃଥିବୀ ଏକ ନିଷ୍ପ୍ରଣ ମୃତ୍ତିକାପିଣ୍ଡ ନୁହେଁ । ଏହାର ପ୍ରାଣ ଅଛି । ଏହା ଆମକୁ ଧରା ହୋଇ ଧରି ରଖିଛି ଏବଂ କ୍ଷମା ଭାବରେ ସବୁ ସହି ଭୂତଧାତ୍ରୀ ପରି ପାଳନ କରୁଛି । ପୃଥିବୀଠାରେ ଏହି ମାତୃଚେତନା ବା ମାଟି ପ୍ରତି ମମତା ହିଁ କୃତଜ୍ଞ ମନୁଷ୍ୟକୁ ରଜପର୍ବରେ ତିନିଦିନ ପାଇଁ କର୍ଷଣ କରିବାରୁ ନିବୃତ୍ତ କରିଛି ।

ଜ୍ୟୋତିଶଶାସ୍ତ୍ର ଅନୁସାରେ ସୂର୍ଯ୍ୟ ବାର ଭାଗରେ ବିଭକ୍ତ ରାଶିଚକ୍ରରେ ୬୦୦ ବା ବୃଷରାଶିକୁ ତ୍ୟାଗକରି ଯେତେବେଳେ ମିଥୁନ ରାଶିରେ ପ୍ରବେଶ କରିବେ, ସେହିଦିନ ସୂର୍ଯ୍ୟଙ୍କର ମିଥୁନ ସଂକ୍ରମଣ ମିଥୁନ ରାଶି ପ୍ରବେଶ ହୁଏ ଏବଂ ଉକ୍ତ ଦିନଟିକୁ ମିଥୁନ ସଂକ୍ରାନ୍ତି କୁହାଯାଏ । ମିଥୁନ ରାଶି ଅର୍ଥାତ୍ ରାଶିଚକ୍ରର ୬୦ ଡିଗ୍ରୀ ଠାରୁ ୯୦ ଡିଗ୍ରୀ ପର୍ଯ୍ୟନ୍ତ ବ୍ୟାପ୍ତ ଅଂଶରେ ସୂର୍ଯ୍ୟ ଏକମାସ ରହନ୍ତି ଏବଂ ଏହି ମାସଟିକୁ ମିଥୁନ ସୌର ମାସ କୁହାଯାଏ । ଏକ ଗଦାଧାରୀ ପୁରୁଷ ଓ ବୀଣାଧାରିଣୀ ସ୍ତ୍ରୀଙ୍କର ଯୁଗ୍ମ ବିଗ୍ରହ ଭାବରେ ମିଥୁନ ରାଶିଟିର କଳ୍ପନା ହୋଇଛି । ପ୍ରଶ୍ନୋପନିଷଦ୍‌ରେ କୁହାଯାଇଛି -

ସଃ ମିଥୁନମ୍ ଉତ୍ପାଦୟତେ
ରୟିଂ ଚ ପ୍ରାଣଂ ଚ ଇତି ।
ଏତୌ ମେ ବହୁଧା ପ୍ରଜାଃ କରିଷ୍ୟତ ଇତି ।
ଆଦିତ୍ୟୋ ହବୈ ପ୍ରାଣୋ
ରୟିରେବ ଚନ୍ଦ୍ରମାଃ ।

ଏଠାରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ମିଥୁନଙ୍କୁ ପ୍ରାଣ ଓ ଅନ୍ନ କହି ସେମାନଙ୍କ ଗତିରୁ ହେଉଥିବା ଦିନ ଓ ରାତି, ଋତୁ ଓ ମାସ ତଥା ନବବର୍ଷ ହିଁ ଅଭିଲକ୍ଷିତ । ମୃଗଶିରା ନକ୍ଷତ୍ରର ଦୁଇପାଦ, ଆର୍ଦ୍ରାର ଚାରିପାଦ ଓ ପୁନର୍ବସୁ ନକ୍ଷତ୍ରର ତିନିପାଦକୁ ନେଇ ମିଥୁନରାଶି ହୋଇଛି । ଏହି ତିନି ନକ୍ଷତ୍ରରେ ସେହି ଏକ ମିଥୁନତତ୍ତ୍ୱ ବି ପରିଲକ୍ଷିତ ହୁଏ । ଐତରେୟ ବ୍ରାହ୍ମଣ ଅନୁସାରେ ପ୍ରଜାପତି ବ୍ରହ୍ମା ସ୍ୱୀୟ କନ୍ୟା ରୋହିଣୀ ପ୍ରତି କାମାସକ୍ତ ହେବାରୁ ରୋହିଣୀ ଲଜ୍ଜା ଓ ଭୟରେ ମୃଗ ରୂପରେ ପଳାୟନ କଲେ । ବ୍ରହ୍ମା ମଧ୍ୟ ମୃଗ ରୂପରେ ମୃଗୀରୂପା ରୋହିଣୀଙ୍କର ଅନୁଧାବନ କରିବାରୁ ଦେବତାମାନେ ସେମାନଙ୍କର ରୌଦ୍ରଅଂଶରୁ ଭୂତବାନଙ୍କୁ ସୃଷ୍ଟି କଲେ ଏବଂ ସେହି ଭୂତବାନ ଭୂତପତି ମୃଗରୂପୀ ବ୍ରହ୍ମାଙ୍କର ଶିରଚ୍ଛେଦ କରି ଆକାଶରେ ସ୍ଥାପନ କଲେ । ଏହାହିଁ ହେଉଛି ଆମର ମୃଗଶିରା ନକ୍ଷତ୍ର ପ୍ରାଚୀନ କାଳରେ ମୃଗଶିରା ନକ୍ଷତ୍ରରେ ହିଁ ବାସନ୍ତକ୍ରାନ୍ତିପାତ ଘଟୁଥିଲା ଏବଂ ଏହିଠାରୁ ହିଁ ବର୍ଷାରମ୍ଭ ହେଉଥିଲା । ରଜର ତିନି ଦିନ ଅର୍ଥାତ୍ ପହିଲି ରଜ, ସଂକ୍ରାନ୍ତି ଓ ଭୂମି ଦହନ - ଏହି ତିନି ଦିନ ପାଳନ କରିବା ସକାଶେ ଓଡ଼ିଶାର ଝିଅ ବୋହୂମାନେ ସବୁକାମ ସାରି ସଜ ହୁଅନ୍ତି । ନୂଆଲୁଗା ପିନ୍ଧି ବିଭିନ୍ନ ସ୍ଥାନ ଦେଖିବାକୁ ଦଳ ଦଳ ହୋଇ ବୁଲି ବାହାରନ୍ତି, ଦୋଳି ବାନ୍ଧି 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ' - ବୋଲି ଗୀତ ଗାଇ ଆନନ୍ଦରେ ଝୁଲନ୍ତି । ଏହି ତିନି ଦିନ ସେମାନେ ରନ୍ଧାବଢ଼ା ଓ କଟାବଟା ଇତ୍ୟାଦି ଗୃହକର୍ମ ନକରି ସଂପୂର୍ଣ୍ଣ ବିଶ୍ରାମ ନିଅନ୍ତି । ସତତ କର୍ମରତ ଗୃହବଧୂ ଓ କନ୍ୟାମାନଙ୍କର କୃଷି କର୍ମରେ କଠୋର ପ୍ରବୃତ୍ତି ସକାଶେ ଏ ତିନି ଦିନ ଯେପରି ପ୍ରସ୍ତୁତି ବିଶ୍ରାମ । ପୃଥିବୀ ରଜଶ୍ୱଳା ପାଳନ ବିଧିରେ ଝିଅ ବୋହୂମାନଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଯେଉଁ ପର୍ବର କଳ୍ପନା ସେଥିରେ ଶରୀର ସକାଶେ ବିଶ୍ରାମ, ମନ ପାଇଁ ଆନନ୍ଦ ଓ ଭବିଷ୍ୟତ ସକାଶେ ସ୍ୱପ୍ନ ଥିଲେ ହିଁ ପୃଥିବୀ ଯେପରି ଶସ୍ୟ ଶ୍ୟାମଳା ହେବ ମଣିଷର ସାଂସାରିକ ଜୀବନଯାପନ ସକାଶେ ସେପରି ସ୍ୱଚ୍ଛଳ ହେବ ବୋଲି ନିର୍ଦ୍ଦେଶ ରହିଛି । ରବି ରଜାର ମିଥୁନ ବା ମିଳନରେ ଯେତେ ଆନନ୍ଦ, ଯେତେ ଉନ୍ମାଦନା - ସବୁ ରାଜସ ବିଳାସ, ସତେ ଯେପରି ଆମରି ମଧ୍ୟରେ ଅବତରଣ କରିଛି - ଏଇ ଫଳପ୍ରସ୍

ଧ୍ୱନି ପ୍ରତିଧ୍ୱନି
♣ ବାଲେଶ୍ୱର ♣ ବୁଧବାର,୧୪ ଜୁନ୍, ୨୦୨୩

ବନସ୍ତେ ଡାକିଲା ଗଜ

ରଜ ମଉଜ

ନିରୂପମା ଭୂୟାଁ

ସରଳ ପଲ୍ଲୀବାଳା ଓଠରେ ଉକୁଟି ଉଠିଛି ପାନଖିଆ ଖିଲି ଖିଲି ହସ । ଅଳତା-ହଳଦୀମଖା ବୋହୂଟି ଗହଣାରେ ସଜବାଜ ହୋଇ ଦୋଳିରେ ଝୁଲିବା ଆରମ୍ଭ ହୋଇଯାଇଛି । କୁଙ୍କୁମ, ଚନ୍ଦନ ବେଶରେ କୁଆଁରୀ ଏ ଡାଳ ଦୋହଲାଇ ଦୋଳି ବାହି ଗୀତ ଆରମ୍ଭ କରି ଦେଇଛନ୍ତି - ବନସ୍ତେ ଡାକିଲା ଗଜ / ବରଷକେ ଥରେ ଆସିଛି ରଜ ଲୋ / ଘେନି ନୂଆ ସଜବାଜ । ଆରମ୍ଭ ହୋଇଯାଇଛି ରୂପସଜ୍ଜା, ଆନନ୍ଦ-ଆହ୍ଲାଦ ଓ ଦୋଳିର ପର୍ବ । ଜରାଗ୍ରସ୍ତ ଧରିତ୍ରୀର ତନିମାରେ ରଜ ଜଗାଇବ ପୂର୍ଣ୍ଣ ଯୌବନର ଦୀପ୍ତି । ମାଟି, ମୌସୁମୀ ଓ ମଣିଷର ମିଳନ ପର୍ବରେ ଶସ୍ୟଗର୍ଭା ପୃଥିବୀର ମାତୃତ୍ୱର ସଫଳତା କାମନା କରି ସୃଷ୍ଟିର ଜୟଗୀତି ଗାନ କରିବ କୃଷକ । ଶରୀର ପାଇଁ ବିଶ୍ରାମ, ମନ ପାଇଁ ଆନନ୍ଦ ଏବଂ ପୃଥିବୀ ଶସ୍ୟଶାମଳା ହେବା ପାଇଁ ପ୍ରାର୍ଥନା କରିବ ମଣିଷ ।

ରଜ ଆସିଛି ଆଜି ଗାଁ ଆଉ ସହରରେ । ଦୋଳିରେ ଦୋଳିରେ ରଜଗୀତର ସୁଅ ଛୁଟିଆସୁଛି । ପୋଡପିଠା, ବାଗୁଡ଼ିଖେଳ, ତାସ୍, ପୁଟିଖେଳ ଆଉ ରଙ୍ଗ ବେରଙ୍ଗର ପୋଷାକରେ ସଜେଇ ହୋଇ ରଜ ପାଳିବାରେ ମଜି ଯାଇଛନ୍ତି ସମସ୍ତେ । ଉନ୍ମନା କୁଆଁରୀ ଝିଅର ପାଦରେ ଅଳତା, ମଥାରେ ବିନ୍ଦି, ଶାଢ଼ୀ ଆଉ ସଜବାଜରେ ସେ ବି ରଜର ଖୁସି ମନଉଛି । ଋତୁମତୀ ଧରାର ସଙ୍କେତ ବହନ କରି କୁଆଁରୀ ପାଦ ଆଉ ମାଟି ଛୁଇଁନି । ସବୁ ପର୍ବଠୁ ନିଆରା ରଜ । ଖାସ୍ ଏଇଥିପାଇଁ ଯେ ଏହା ଖାସ୍ ଓଡ଼ିଶାର ନିଜସ୍ୱ ଆଉ ମାଟି ମାଆର ପୂଜାରେ ଏହାର ପରମ୍ପରା କାହିଁ କେଉଁ କାଳର ।

କୁହାଯାଏ, ପୃଥିବୀର ପ୍ରଥମ ଧାନଚାଷ ଓଡ଼ିଶାରେ ହୋଇଥିଲା । ଆଉ ଓଡ଼ିଶାରେ ହିଁ ରଜ, ଅକ୍ଷୟ ତୃତୀୟା ଭଳି କୃଷିଭିତ୍ତିକ ପର୍ବ ଏଠାରେ ସଂସ୍କୃତି ସହ ଜଡ଼ିତ ହୋଇପାରିଛି । ଖରା ଚାଲିଯାଇଛି । ମୌସୁମୀ ଆସିଗଲାଣି । ଏବେ ଖାଲି ବର୍ଷା ଆଉ ବର୍ଷା । ପୃଥିବୀ ତିନ୍ତିଛି ପ୍ରଥମ ବର୍ଷାର ସ୍ପର୍ଶରେ । ଆର୍ଦ୍ର ହୋଇଛି ମାଟି । ମାଟିର ଗନ୍ଧ ମହକେଇ ଦେଉଛି ଦୁନିଆ । ଅକ୍ଷୟ ତୃତୀୟାରେ ଧାନ ଅନୁକୂଳ କରି ବସିଥିବା ଚାଷୀ କ୍ଷେତକୁ ଯିବ । ହେଲେ ପୃଥିବୀ ଏବେ ଋତୁମତୀ । ରଜସ୍ୱଳା ନାରୀ ପରି ତାର ପାଇଁ ଏଇ ପାଞ୍ଚଦିନ ବିଶ୍ରାମର ବେଳ । ଭୂଇଁରେ କର୍ଷଣ ମନା । ଏଇ କିଛିଦିନ ସମସ୍ତଙ୍କ ପାଇଁ ମଉଜ ଆଉ ଫୁରସତ୍‌ର ବେଳ ।

ଫସଲ ଉତ୍ପାଦନ ଭଳି ଗୁରୁତ୍ୱପୂର୍ଣ୍ଣ କୃଷିପର୍ବର ଆରମ୍ଭରୁ ମାଟିକୁ ସମ୍ପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏହି ପର୍ବର ସୃଷ୍ଟି । ଓଡ଼ିଶାର ଜାତୀୟ ପର୍ବ ରଜ । ଏହା କେବଳ ସାର୍ବଜନୀନ, ଆନନ୍ଦଦାୟୀ ପର୍ବ ନୁହେଁ, ଝିଅମାନଙ୍କର ଦୋଳି ଖେଳର ଅବସର ନୁହେଁ, ବରଂ ସମସ୍ତଙ୍କ ମନ, ପ୍ରାଣ ଓ ଶରୀର ପାଇଁ ଆମୋଦକାରୀ ଅବସର । ଗାଁରେ ରଜପର୍ବର ମାହୋଲ ବେଶ୍ ଜମିଥିବା ବେଳେ ସହରରେ ମଧ୍ୟ ଲୋକେ ଖୁବ୍ ଉତ୍ସାହର ସହ ଏହି ରଜପର୍ବ ପାଳିଥାନ୍ତି । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବର ଆୟୋଜନ ଏହି ସହରୀ ଲୋକଙ୍କୁ ବି ବେଶ୍ ମନୋରଞ୍ଜନର ଖୋରାକ ଦେଇଛି । ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପ ଓ ଜୟଦେବ ଭବନ ଏବେ ରଜ ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ଖୁବ୍ ଉତ୍ସବମୁଖର । କିନ୍ତୁ ଗୋଟିଏ କଥା ଯେ କ୍ରମଶଃ ପରମ୍ପରାରୁ ଦୂରେଇଯାଇ ସୌଖିନ ଫେସନ ହେବାକୁ ବସିଛି ଆମର ପର୍ବପର୍ବାଣି । କମିଯାଉଛି ପୋଡ଼ପିଠାର ରୁଚି ଆଉ ଦୋଳିଗୀତର ପରମ୍ପରା । ତଥାପି ସଂସ୍କୃତିର ଚିହ୍ନ ସମ୍ପୂର୍ଣ୍ଣ ଲିଭିଯାଇନାହିଁ । ଓଡ଼ିଆ ମାନସିକତା ଏବେ ବି ଅନେକ ସଂସ୍କୃତିପ୍ରେମୀଙ୍କୁ ଉଦ୍‌ବୁଦ୍ଧ କରି ରଖିଛି, ଯାହା ଏ ଜାତି ପାଇଁ ସର୍ବାଦୌ ଅପରିହାର୍ଯ୍ୟ । ଯିଏ ଯେଉଁଠି ଥିଲେ ବି ରଜରେ ବନ୍ଧୁବାନ୍ଧବଙ୍କର ଗହଣରେ ଖୁସି ଭରିଯାଏ ଘର ଭିତରେ । ହସ କୌତୁକର ଆସର ଭୁଲାଇଦିଏ କର୍ମମୟ ଜୀବନର ଅବସାଦ । ଥମିଯାଇଛି ଖରାର ଦର୍ପ । ଆଉ ମୌସୁମୀର କଅଁଳ ଛୁଆଁ ଶିହରିତ କରୁଛି ମାଟିକୁ । ଜ୍ୟେଷ୍ଠ ମାସର ଶେଷଦିନ ଓ ଆଷାଢ଼ ମାସର ଆରମ୍ଭ ଦୁଇଦିନକୁ ନେଇ ରଜପର୍ବ । ଅସରା ଅସରା ବର୍ଷାରେ ଭିଜାମାଟିର ବାସ୍ନା ମହାକାଇଦିଏ ରଜପର୍ବକୁ । ବସୁମତୀ ବନ୍ଦନାର ଋତୁ ଇଏ । ଏହି ପର୍ବରେ ଭୂଇଁ ରଜସ୍ୱଳା ହେତୁ ମହିଳାମାନେ କାଠପିଢ଼ା ଉପରେ ଶିଳପୁଆ, ଲଙ୍ଗଳ ଲୁହା, ନଢ଼ିଆ ଆଦି ରଖି ତା ଉପରେ ହଳଦୀପାଣି ଢ଼ାଳି ବାସୁମତୀ ସ୍ନାନ କରାନ୍ତି । କାରଣ ଏହାପରେ ହିଁ ଉତ୍ପାଦନକ୍ଷମ ହୁଏ ମାଟି । ଲୋକ ଚଳଣି ସହ ଏହି ପରମ୍ପରାର ଅପୂର୍ବ ସାମଞ୍ଜସ୍ୟ । ଆକାଶରେ ମେଘ ଦେଖିଲେ ଚାଷୀ ମନ ଉଚ୍ଛନ୍ନ ହୋଇଉଠେ, ସତେ ଯେମିତି ବର୍ଷା ଟିକକ ପାଇଁ ତା'ର ବ୍ୟାକୁଳ ଅପେକ୍ଷା । ପହିଲି ବର୍ଷାର ପ୍ରଥମ ପ୍ରେମରେ ଉନ୍ମନା ହୋଇଉଠେ କୁଆଁରୀର ମନ । ଗୋଡ଼ରେ ଅଳତା, ହାତରେ ମଞ୍ଜୁଆଟି, ଆଖିରେ କଜ୍ଜଳ ଆଉ ପାଦରେ ପାଉଁଜି ପିନ୍ଧି ଛମ୍ ଛମ ନାଚିଯାଏ ସେ । ଚୁଲିର ରଡ଼ନିଆଁରେ ପୋଡ଼ାଯାଇଥିବା ପୋଡ଼ପିଠା ବୃନ୍ଦାବତୀଙ୍କ ପାଖରେ ଭୋଗ ଲଗାଇ ଏହାକୁକାଟି ପରଷିଦେବ ଗୃହଲକ୍ଷ୍ମୀ । ବାଡ଼ିରେ ରଜଦୋଳିର ଗୀତ ଶୁଭି ଉଠୁଥିବ ଆଉ ଖେଳାଇ ଦେଉଥିବ ଆନନ୍ଦର ଲହରୀ, ବାଗୁଡ଼ି ଖେଳରେ ନଇବାଲିରେ ମାତିଥିବେ ଯୁବକ, ଆଉ କିଶୋରୀର ପୁଟିଖେଳର ଉଛୁଳି ଉଠୁଥିବ ଗାଁ ଦାଣ୍ଡ । ସତରେ ନିଟୋଳ ବିଶ୍ୱାସର ନିଆରା ପର୍ବ ଏହି ରଜ । ପହିଲି ବର୍ଷାର ପୁଲକରେ ଅପରୂପା ଏବେ ପୃଥିବୀ ମାଆ । ସବୁଜିମାରେ ଯାହାର ସୌନ୍ଦର୍ଯ୍ୟ ଅକଳ୍ପନୀୟ । ମାଟିକୁ ମା' ରୂପରେ ଦେଖିବାର ସଙ୍କେତ ବହନ କରୁଥିବା ଏହି ରଜରେ କେହି ନାରୀ କାହାକୁ ପ୍ରଣାମ କରନ୍ତି ନାହିଁକି ଆଶୀର୍ବାଦ ଦିଅନ୍ତି ନାହିଁ । କାରଣ ସେ ଗରିୟସୀ - ଏଇ ବେଳରେ । ତା'ର ମହନୀୟତା ସବୁଠୁ ଉର୍ଦ୍ଧ୍ୱରେ । ପିଠା ଭିତରେ ସାର ରଜ ପୋଡ଼ ପିଠା । ଘରେ ହେଉ ବା ରଜ ଦୋଳିରେ ସବୁରି ହାତରେ ଖଣ୍ଡେ ପିଠା । ଏଇ ପୋଡ଼ପିଠାର ମହକ ଖେଳିଯାଏ ଚାରିଆଡ଼େ । ବର୍ଷକରେ ଥରେ ଘରେ ପୋଡ଼ପିଠା ହେବ ବୋଲି କାହାରି ପାଦ ତଳକୁ ଲାଗୁନଥାଏ । ପହିଲିରଜ ପୂର୍ବଦିନ ସଜବାଜ । ରଜ ସଉଦାରେ ପୋଡ଼ପିଠାର ସବୁ ଚିଜ କିଣାଯାଇଥାଏ । ରାତିରେ ରୋଷେଇବାସ ସରିଲା ପରେ ଶାଶୂ-ବୋହୂ ମିଶି ପୋଡ଼ପିଠା ତିଆରିରେ ଲାଗିଯାନ୍ତି । ହାଣ୍ଡିଶାଳରେ ଚୁଲିରେ ମାଟି ହାଣ୍ଡି ବସାଇ ପାଣି ଫୁଟାଏ ବୋହୂ । ଏଥିରେ ପଡ଼େ ଆବଶ୍ୟକ ପରିମାଣର ଲୁଣ ଆଉ ଗୁଡ଼ । ଶାଶୂ ଚୁଲିମୁଣ୍ଡରେ ବସି ବଢ଼େଇ ଦେଉଥାଏ । ବୋହୂ ଫୁଟନ୍ତା ପାଣିରେ ପୂର୍ବରୁ ଶିଳରେ ପ୍ରସ୍ତୁତ ଚାଉଳ ଚୂନା ପକାଇ ଏହାକୁ ଯନ୍ତିବାକୁ ଆରମ୍ଭ କରେ । ସହଯୋଗ କରେ ଶାଶୂ । ଚୂନା ଯନ୍ତି ଆସିବାବେଳକୁ ଏଥିରେ ପଡ଼େ ଅଦା, ମରିଚ ଆଉ ପାତିନଡ଼ିଆ । କେତେବେଳେ କେମିତି ଏହି ପିଠାରେ ବସାଦହି ବି ପଡ଼ିଥାଏ, ଯାହା ସ୍ୱାଦଯୁକ୍ତ କରାଏ ପିଠାକୁ । ଚୂନା ଯନ୍ତା ସରିଲା ପରେ ଏହାକୁ ଅଜାଡ଼ି ଦିଆଯାଏ ପଲମରେ । ପଲମରେ ଦିଆଯାଏ କଦଳୀପତ୍ର । ଏଥିରେ ଚୂନାଯନ୍ତାକୁ ହାତରେ ସଜାଡ଼ି କୁଆଣି, ଅଳେଇଚ, ଗୁଜୁରାତି ପ୍ରଭୃତି ମସଲା ଦିଆଯାଏ । ଏତେସବୁ କାମ ଭିତରେ ଘଷି ରଡ଼ନିଆଁ ଝଟକି ଉଠୁଥାଏ ଚୁଲିରେ । ତଳେ ଚୁଲି ନିଆଁ, ଆଉ ଚୁଲି ଉପରେ ପଲମ ବସାଇ ପଲମରେ ଉପରେ ଅଜାଡ଼ି ଦିଆଯାଏ ରଡ଼ନିଆଁ । ରାତିସାରା ଚୁଲି ପାଉଁଶରେ ପିଠା ପୋଡ଼ା ହେଉଥାଏ । ପିଠାକାମ ସାରି ସମସ୍ତେ ଶୋଇପଡ଼ନ୍ତି । ସକାଳୁ ଉଠିଲେ ସମସ୍ତଙ୍କର ମନେ ପଡ଼େ ପୋଡପିଠା କଥା । ଗାଧୁଆ ସାରି ନୂଆ ବେଶପୋଷାକରେ ମଜିଯାନ୍ତି ପିଲାଠୁ ବୁଢ଼ାଯାଏ । ଖୁସି କହିଲେ ନସରେ । ପହିଲି ରଜର ପହିଲି ପୁଲକ ଭରିଯାଏ ମନରେ । ରଙ୍ଗ ବେରଙ୍ଗର ପୋଷାକରେ କିଶୋରୀ ଓ ଯୁବତୀଙ୍କର ଗାଁ ବୁଲା ଆରମ୍ଭ ହୋଇଯାଇଥାଏ । ବାଡ଼ିପଟେ ଆମ୍ବ କି ବରଗଛରେ ରଜଦୋଳି ସଜ ହୋଇଥାଏ । ଘରର ବଡ଼ବୋହୂ କି ଯେ କେହି ମହିଳା ଗାଧୁଆପାଧୁଆ ସାରି ନୂଆବସ୍ତ୍ର ପିନ୍ଧି ଚୁଲିରୁ ପିଠା ଓହ୍ଲାଇ ପନିକି ଧରି ବସିପଡ଼ନ୍ତି ପୋଡପିଠା କାଟିବାକୁ । ଚାରିପଟେ ବେଢ଼ିଯାନ୍ତି ପିଲାମାନେ । କଟା ପୋଡପିଠାରୁ କିଛି ପ୍ରଥମେ ଗୃହଦେବୀ ବୃନ୍ଦାବତୀଙ୍କ ଠାରେ ଭୋଗ ଲଗାଯାଏ । ପରେ ପିଣ୍ଡି ଓ ବାରିଆଡ଼େ ଦିଆଯାଏ ଏହି ପିଠା । ପରେ ଘରର ବୋହୂ ଏହି ପିଠାକୁ ପ୍ରଥମେ ମାନ୍ୟ ଲୋକ ଓ ପରେ ପିଲାଙ୍କ ଭିତରେ ବାଣ୍ଟି ଦିଅନ୍ତି । ପିଲାଙ୍କର ମଧ୍ୟ ଏହାକୁ ଖାଇବାର ଉତ୍ସାହ କିଛି କମ୍ ନୁହେଁ । ସାଇପଡ଼ିଶାରେ ଏହି ପିଠା ବଣ୍ଟାଯାଏ । କାହାରି ଘରେ ସେଇବର୍ଷ କେହି ମରିଥିଲେ ତାଙ୍କ ଘରେ ପିଠା ହୋଇନଥାଏ, କିନ୍ତୁ ସାଇପଡ଼ିଶାରେ କେତେଆଡୁ ପିଠା ପହଞ୍ଚିଯାଏ ତାଙ୍କ ଘରେ । ରଜରେ ପୋଡ଼ପିଠା ବାଣ୍ଟିବାର ପରମ୍ପରା ଗ୍ରାମ୍ୟ ସଂସ୍କୃତିରେ ଖୁବ୍ ନିଆରା । ଝିଅମାନେ ଦଳ ଦଳ ହୋଇ ପୋଡ଼ପିଠା ଖାଇ ରଜଦୋଳି ଖେଳିବାର ଦୃଶ୍ୟ ଖୁବ ଆମୋଦଦାୟକ । ପୋଡ଼ପିଠାର ମହକରେ ମହକିଯାଏ ସାରା ଗାଁ । ପୋଡ଼ପିଠା ଓଡ଼ିଆ ଖାଦ୍ୟ ସଂସ୍କୃତିରେ ତା'ର ସ୍ୱତନ୍ତ୍ରତା ବଜାୟ ରଖିଛି । ଓଡ଼ିଆର ଜାତୀୟ ପର୍ବ ରଜରେ ଓଡ଼ିଆଣୀର ପୋଡ଼ପିଠା ଖୁବ୍ ସ୍ୱାଦ ଓ ରୁଚିପୂର୍ଣ୍ଣ । ଲକ୍ଷ୍ମୀପୁରାଣରେ ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥ ଓ ଶ୍ରୀବଳରାମଙ୍କୁ ଖାଇବା ଶେଷରେ ପୋଡ଼ପିଠା ଦେବାର ବର୍ଣ୍ଣନା ରହିଛି । ତେଣୁ ଶ୍ରୀମନ୍ଦିର ପରମ୍ପରାରେ ଓଡ଼ିଶାର ଲୋକଦେବତାଙ୍କ ପାଖରେ ଏହା ଖୁବ୍ ପ୍ରିୟ, ଯେଉଁଥି ପାଇଁ ମହାପ୍ରଭୁ ରଥଯାତ୍ରାରେ ଆସନ୍ତି ମାଉସୀ ମା'ଘର । ଓଡ଼ିଶା ଏକ କୃଷି ପ୍ରଧାନ ଦେଶ ଓ ରଜ ଏକ କୃଷିଭିତ୍ତିକ ପର୍ବ । ଏଠାରେ ଧାନ ଫସଲ ମୁଖ୍ୟ ହୋଇଥିବା ବେଳେ ଚାଉଳ ଚୂନାରେ ତିଆରି ଏହି ପିଠା ଉତ୍କଳୀୟ ସାଂସ୍କୃତିକ ଧାରାରେ ଚଳଣିର ଅଂଶ ହୋଇରହିଛି ।

+ଜିଲ୍ଲା ସଂଯୋଜିକା (ଶିକ୍ଷା)
ଶ୍ରୀ ସତ୍ୟସାଇ ସେବା
ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା,
ପଲାଇ ବାଲିଚନ୍ଦ୍ରପୁର,
ଯାଜପୁର,
(ମୋ): ୯୯୩୭୪୭୦୯୮୦



ରଜ ଉତ୍ସବ

ଦୀପକ କୁମାର ନାଏକ

ବରଷକ ପରେ ଆସି ଅଛି ଆମ
ପବିତ୍ର ରଜ ଉତ୍ସବ
ଏହି ପର୍ବଟିକୁ ପାଳନ କରିବାକୁ
ଝିଅ ବୋହୂ ସଜ ବାଜ ।
ଅଳତା ସାଥିରେ ମେହେନ୍ଦି ଲଗାଇ
ବେଣୀରେ ଗଜରା ଝୁଲେଇ
କୁଆଁରୀ ଯେତକ ଗୀତ ଗାଇ କେମିତି
ହେଉଛନ୍ତି ଦେଖ ଫୁଲେଇ ।
ରଜ ଆସି ଅଛି ଗାଆଁ ରେ ସହରେ
କେତେ ରୂପ ରଙ୍ଗ ନେଇ
ମନ ମାରି କିଆଁ ବସିଛ ଲୋ ଭାଉଜ
ସବୁ ଅଳଙ୍କାର ଥୋଇ ।
ଆଉ ଯମା ଡେରି ନକରି ଭାଉଜ
ଅଳଙ୍କାର ପିନ୍ଧି ଦିଅ
ନୂଆ ଶାଢ଼ୀ ପିନ୍ଧି ମହା ଆନନ୍ଦରେ
ପିଠାପଣା କରି ଖାଅ ।
ଆସ ଲୋ ବଉଳ ଆସ ଲୋ ମକର
ବନସ୍ତେ ଡାକିଲା ଗଜ
ଏହି ରଜ ଗୀତ ବୋଲି ଆନନ୍ଦରେ
ଦୋଳି ଖେଳି କର ମୌଜ
ଦୋଳି ଖେଳି କର ମୌଜ ।

ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍ -ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ, ପିନ୍ -୭୫୯୦୨୧
(ମୋ) ୮୬୩୭୨୬୧୮୨୮

ଆମ ଗାଁ ରଜ

ସୁଦର୍ଶନ ମହାପାତ୍ର

ଆକାଶରେ ଯେବେ ମେଘ ପହଁରଇ
ଖରା ମଳମଳ ଦିଶେ
ସଜବାଜ ହୋଇ ରଜ ଫି' ବର୍ଷ
ଆମରି ଗାଆଁକୁ ଆସେ ।
ବାପା ପରା ତାକୁ ସଂଖୁଳି ବସନ୍ତି
ସତେ ସେ କି ଅଭ୍ୟାଗତ
ବୋଉ ଓଠ ଧାରେ ଉକୁଟି ଉଠଇ
ସେନେହ ସୁହାଗ ଚିତ୍ର ।
ଯୁଆଡେ ଚାହିଁଲେ କୁଆଁରୀ କନିଆଁ
ଦିଶୁଥାନ୍ତି ଅପସରି
ଗାଆଁ ଦାଣ୍ଡ ସତେ ଉଲୁସି ଉଠଇ
ଦେଖି ପୁଟି ,ବୋହୂଟୋରୀ ।
ବନସ୍ତେ ଡାକିଲା ଗଜ ବେହାଗରେ
ତୋଟା ମାଳ ଗୁଞ୍ଜରିତ
ଖିଲିପାନ ଖାଇ ସାହି ବୁଲିବାରେ
ହସ ଖୁସି ମୁଖରିତ ।
ବିଦେଶୀ ଫେରନ୍ତା ନାୟକ ଛାତିରେ
ଅଲିଖିତ ଆତୁରତା
କୁଳ ଭୂଆଶୁଣୀ ଛାତିର ସ୍ପନ୍ଦନେ
ପ୍ରୀତି ପ୍ରଣୟର ଗାଥା ।
ଶାଶୁ ଖୋଲିବସେ ଭାରର ବିପଣି
ନୂଆବୋହୂ ସ୍ୱାଭିମାନ
ଫୁଲେଇ ନଣନ୍ଦ କପାଳେ ଶୋଭିତ
ଭାଉଜଙ୍କ କୋଟିକମ ।
ଆହା କି ସୁନ୍ଦର ଉଲ୍ଲାସ ଉଚ୍ଛ୍ୱାସ
ଗାଁ କୋଣେ ଅନୁକୋଣେ
ସେଇ ସ୍ମୃତିରାଜି ଅନାହୂତେ ଆସି
ସ୍ୱାଗତିକା ଗାଏ ପ୍ରାଣେ ।

+କୁଞ୍ଜବିହାରୀ ଲେନ,କଟକ

ଝାଡ଼ଖଣ୍ଡରେ ରଜ

ବାଦଲ ଭୂୟାଁ

ଗାଈ ଗୋଠରେ ଚରୁଛି ଗାଈ । ତା' ପିଠିରେ ବସିଛି କଜଳପାତି । ଗାୟାଳ ଟୋକା ଅଡ଼ଉଛି ଗୋଠର ଗାଈ । ତା' କଡ଼ରେ ବିଲରୁ ପୋକ ଯୋକ ଚରୁଛନ୍ତି ପଲପଲ ଧଳା ଓ କାଣ୍ଟିଆ ବଗ । ଆକାଶ ମେଘୁଆ ମେଘୁଆ, ଇଏ ନିଦାଘର ଶେଷ ପହର । ଏମିତି ସମୟରେ ରଜ ଆସେ । ସିଏ ଓଡ଼ିଶା ହେଉ କି ଝାଡ଼ଖଣ୍ଡ, ଭୌଗୋଳିକ ସୀମା ଦୃଷ୍ଟିରୁ ସିନା ଝାଡ଼ଖଣ୍ଡ ଓଡ଼ିଶାଠୁ ଅଲଗା କିନ୍ତୁ ପର୍ବ, ପର୍ବାଣୀ, ସଂସ୍କୃତି, ପରାମ୍ପରା ସବୁ ଜାଗାରେ ସବୁ ଅଞ୍ଚଳରେ ଏକା ପରି । ଯେପରି ରଜ ସିଂହଭୂମିର ଓ ଓଡ଼ିଶାର ସବୁ ଏକ ଧରଣର । ରଜ ଆସେ ଗାଁରେ । ଘରମାନଙ୍କରେ । କୁଆଁରୀ ମନରେ, ମୋ ପ୍ରିୟ ଓଡ଼ିଆ ବାପୁଡ଼ାର ମନ ଆରିସିରେ, ସିଏ ଯୋଉଠି ଥାଉ ନା କାହିଁକି । ସିଏ କଟକ ହେଉ କି କର୍ଣ୍ଣାଟକ ସିଏ ହେଉ ପୁଣି ବ୍ରହ୍ମପୁର ବା ବର୍ଣ୍ଣପୁର ହେଉ ଅବା ରେଙ୍ଗୁନ ବା ଭୁବନେଶ୍ୱର ରଜ ଆସେ ସବୁଠି । ରଜ ଆସେ ପହିଲି ବର୍ଷାର ମିଠା ପରସରେ । ରଜ ଆସେ ତନୁଲତାର ତନୁ ମନରେ । ନୂଆ ନୂଆ ପୋଷାକ, ଅଳତାର ଗାଢ଼ ନାଲି ରଙ୍ଗ ଓ ଟିପିଟିପି ଚନ୍ଦନର ଶିଥିଳ ଲେପନରେ । ଗହଳିଆ ଆମ୍ବତୋଟାରେ ଲଗାଯାଇଥିବା ବାଉଁସ ଦୋଳିରେ । ମାଟି ଠୁ ଆକାଶ ସବୁଆଡ଼େ ରଜ ପାଇଁ ଚଳଚଞ୍ଚଳତା କୋଉଠି ରଜ ପାଇଁ ପୋଖରୀ ବୁହା ହୋଇ ମାଛ ଧରିବା ପାଇଁ ପ୍ରସ୍ତୁତି ତ କେଉଁଠି ଖାସି କାଟିବା ପାଇଁ । ସଜବାଜରୁ ଶେଷରଜ ଯାଏ କିଛି କରିବାର ନାଇଁ । କାମ ନାଇଁ । ମାଟି ମା' ରଜସ୍ୱଳା ଯେ । ହଳ ଲଙ୍ଗଳ ସବୁ ମାଟି ମା'କୁ ଛୁଇଁବା ପାଇଁ ମନା । ବର୍ତ୍ତମାନ ବିଶ୍ରାମ ନେବାର ବେଳ । ବର୍ତ୍ତମାନ ମାଟି ମା' ଶୋଉଛି ଆରାମ କରୁଛି । ଧୀରେ ପାଦ ରଖ । କଟକରୁ ଶହ ଶହ ମାଇଲ ପାରି ହେଲେ ପଡ଼େ ଝାଡ଼ଖଣ୍ଡ ରାଜ୍ୟ । ନୂଆ ହୋଇ ଗଢ଼ାହୋଇଛି ଏ ରାଜ୍ୟ ଏଇ କିଛି ବର୍ଷ ହେଲା । ଏହା ଆଗରୁ ବିହାର ରାଜ୍ୟ ସହିତ ମିଶି ଥିଲା । ଜାମସୋଳା ବାଟେ ଆସିଲେ ଏ ରାଜ୍ୟକୁ ଅଲଗା କରେ ସୁବର୍ଣ୍ଣରେଖା ନଈ । ନଈ ପାରି ହେଲେ ପଡ଼େ ଝାଡ଼ଖଣ୍ଡ ରାଜ୍ୟର ପ୍ରଥମ ଓଡ଼ିଆ ବିଧାୟକ ବା ପ୍ରଥମ ଓଡ଼ିଆ ମନ୍ତ୍ରୀ ଡାକ୍ତର ଦୀନେଶ ଷଡ଼ଙ୍ଗୀଙ୍କ ଘର । ଏଇ ଘରେ ତାଙ୍କର ଚାଲେ ଷଡ଼ଙ୍ଗୀ କ୍ଲିନିକ୍ ବହଳାଗୋଡ଼ା ବଜାର ଠାରେ । ଏଇଠି ଆପଣ କିଛି ଡେରି ବସିଲେ ଜାଣିବେ ଏଠାରେ ପ୍ରାୟ ସବୁଲୋକ ଓଡ଼ିଆ । ଆଦିବାସୀ, ବଙ୍ଗାଳୀ ଯିଏ ବି ହଉ ନା କାହିଁକି ସବୁଙ୍କୁ ପ୍ରାୟତଃ ଓଡ଼ିଆରେ କୁହାଯାଉଥାଏ କେମିତି ଔଷଧ ଖାଇବ । ବହଳାଗୋଡ଼ାଠାରୁ ପୂର୍ବକୁ ଗଲେ ପଡ଼େ ଖଡ଼ଗପୁର ଆଡ଼କୁ ରାସ୍ତା । ଏଇ ରାସ୍ତା ପାଖାପାଖି ଗାଁ ଗୁଡ଼ାକରେ ଥାନ୍ତି ଏଇ ଅଞ୍ଚଳର ଲୋକେ । ଓଡ଼ିଆ କହନ୍ତି । ଠିକ୍ ଏଇ ପରି ଷଡ଼େଇକଳା-ଖରସୁଆଁ ଜିଲ୍ଲା, ପୂର୍ବ ସିଂହଭୂମ ଜିଲ୍ଲା, ପଶ୍ଚିମ ସିଂହଭୂମ ଜିଲ୍ଲା, ସିମ୍‌ଡ଼େଗା ଜିଲ୍ଲା ଏଇ ସବୁ ଅଞ୍ଚଳରେ ବସବାସ କରୁଥିବା ଅଧିକାଂଶ ଅଧିବାସୀ ମାନେ ହେଲେ ଓଡ଼ିଆ । ଏଇ ସବୁ ଅଞ୍ଚଳ ଛଡ଼ା ରାଞ୍ଚି, ହଜାରିବାଗ, ରାମଗଡ଼, ଧାନବାଦ, ବୋକାରୋ ଆଦି ଖଣି-ଖାଦାନ, ସହରାଞ୍ଚଳ ଓ କଳକାରଖାନାମାନଙ୍କରେ ଅନେକ ଓଡ଼ିଆ କାମ କରନ୍ତି । ଓଡ଼ିଶାଠୁ ଶହ ଶହ ମାଇଲ ଦୂରେ ରହିଲେ ମଧ୍ୟ ଓଡ଼ିଆ ଲୋକେ ରହନ୍ତି । ସେମାନେ ରଜ ପର୍ବ ଓ ଝୁଲାପର୍ବ ଓଡ଼ିଆ କ'ଣ ଆଦିବାସୀ କ'ଣ ସମସ୍ତେ ପାଳନ କରନ୍ତି । ଏଇ ସମୟରେ ଏଠାକାର ଆଦିବାସୀମାନେ କାମଧନ୍ଦା ବନ୍ଦ କରି ହାଣ୍ଡିଆ ପିଅନ୍ତି, କୁକୁଡ଼ା ଓ ଛେଳିମାଂସ ଓ ଉଷୁନା ଭାତରେ ଅତିଥି ଅଭ୍ୟାଗତଙ୍କୁ ସ୍ୱାଗତ କରନ୍ତି । ଦୋଳିରେ ଝୁଲନ୍ତି । ମଉଜ ମସ୍ତିରେ କଟାନ୍ତି ଏଇ ସମୟ ସବୁକୁ । ଜାମସେଦପୁର ସହରରେ ଥିବା ବର୍ମାମାଇନସ, କଦମା, ସାକ୍‌ଚି, ବିଷ୍ଣୁପୁର, କରାଣ୍ଡି, ପର୍ଶୁଡିହ, କିତାଡିହ, ଗୋବିନ୍ଦପୁର, ଟେଲ୍‌କୋ, ଗାଡ଼ାବାସା, କୋଇଲା ଡୁଙ୍ଗୁରୀ, ଇଷ୍ଟପ୍ଲାଣ୍ଟ ବସ୍ତି, ଶାସ୍ତ୍ରୀନଗର, ସୋନାରୀ, ବାରିଡିହ, ସୀତାରାମ ଡେରା, ସିଦ୍‌ଗୋଡ଼ା, ସୁନ୍ଦର ନଗର, ତା' ଛଡ଼ା ଆଦିତ୍ୟପୁର, ଦୁଗ୍‌ଧା, ବ୍ରାହ୍ମଣଟୋଲା, ହାଡ଼ା, ହଳଦୀ ପୋଖରୀ, କୋକପାଡ଼ା, ହେଂସଲ, ଚାଇଁବାସା, ହାଟଗହ୍ମାରିଆ, ସିନି, ଜୟନ୍ତୀଗଡ଼, ରାଜ ଖରସୁଆଁ, ଷଡ଼େଇକଳା, ଘାଟସିଲା, ଲାଉଡଙ୍କ, ଚାଣ୍ଡିଲ, ଚୌକା, ଫଟାମ

ମାଟି ମା'ର ପର୍ବ-ରଜ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଓଡିଆର ଚଳଣିରେ, ଆତିଥ୍ୟରେ ରଜପାନ ବା ଲବଙ୍ଗ ଦିଆ ଖିଲି ପାନର ସ୍ଥାନ ଖୁବ ଅଧିକ । ପ୍ରତି ଓଡିଆ ଘରେ ପାନ ବଟୁଆ ଥାଏ । ଘରକୁ କେହି ଅତିଥି ଆସିଲେ ପାନ ଖଣ୍ଡେ ଦେବାର ପରମ୍ପରାକୁ ଓଡିଆ କେବେ ଭୁଲେନାହିଁ । ପାନ ମୁଖରୋଚକ, ମୁଖଶୋଧକ ଏବଂ ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ । ବନ୍ଧୁତା ବଢ଼ାଏ । ତାଛଡ଼ା ବଡ଼ଠାକୁର ମଧ୍ୟ ବିଡ଼ିଆ ପାନ ଖାଇବାର ପରମ୍ପରା ଶ୍ରୀମନ୍ଦିରରେ ରହିଛି ।

ରଜରେ ଲୋକଗୀତର ପରଂପରା ରହିଛି ଯଥା

ରଜଦୋଳି କଟକଟ
ମୋ ଭାଇ ମୁଣ୍ଡରେ ସୁନାମୁକୁଟ
ସୁନାମୁକୁଟ ଲୋ ଦିଶୁଥାଏ ଝଟଝଟ ।
ବନସ୍ତେ ଡାକିଲା ରଜ
ବରଷକେ ଥରେ ଆସିଛି ରଜ
ଆସିଛି ରଜ ଲୋ ଘେନି ନୂଆ ସଜବାଜ ।

ଏହି ଗୀତର ମିଳିତ ସ୍ୱରରେ ରଜଦୋଳି ଆକାଶ ଛୁଏଁ । ଉତୁରା ପେଜ ପରି ମନ ଉଛୁନ୍ନ ହେଉଥାଏ । ଆକାଶକୁ ଛୁଇଁଯାଏ କୁଆଁରୀ ମନ ଓ ସପନ । ପୁରୁଷ ମାନେ ମଧ୍ୟ ବିଭିନ୍ନଖେଳ କବାଡି, ଖୋଖୋ, ତାସଖେଳ ପଶାଖେଳ ଆଦି ଖେଳିଥାନ୍ତି । ଉପକୂଳ ଅଂଚଳରେ ଆଖଡା ଯାତ୍ରା ଆଦି ହୁଏ ପୁରୀ କଟକ, କେନ୍ଦୁଝର, ଢେଙ୍କାନାଳ, ବାଲେଶ୍ୱର, ମୟୁରଭଂଜ ଖୋର୍ଦ୍ଧା ଜିଲ୍ଲାରେ ଏହି ପର୍ବ ଧୁମଧାମରେ ପାଳନ କରାଯାଏ । ରଜ ସାମାଜିକ ବନ୍ଧନକୁ ସୁଦୃଢ଼ କରେ । ଯେତେ ଆଧୁନିକତା ଆଡ଼କୁ ସମାଜ ମୁହାଁଇଲେ ମଧ୍ୟ ରଜ ପାଳନକୁ କେହି ଭୁଲି ନଥାନ୍ତି । ଏଥିରେ ମାନବୀ କନ୍ୟା, ଲକ୍ଷ୍ମୀ ଦେବୀ, ବସୁମତୀ ପ୍ରକୃତିରାଣୀଙ୍କୁ ରଜ ଅବସରରେ ସମ୍ମାନ ପ୍ରଦର୍ଶନ କରାଯାଏ ଯାହା ଆମ ସଂସ୍କୃତିର ପରିଚାୟକ । କୃଷି ଉଦୟରେ ଲକ୍ଷ୍ମୀ ସଦୟ ହେଲେ ନୂଆଖାଇରେ ନୂଆ ଧାନ ଅମଳ ହୋଇ ପୂଜାରେ ଲାଗିଥାଏ । ତେଣୁ ସମସ୍ତଙ୍କ ମନ ଆନନ୍ଦରେ ନାଚିଉଠେ ।

+ଗଙ୍ଗନଗର, ଭୁବନେଶ୍ୱର,
ମୋ: ୭୯୭୮୧୧୦୪୭୪

ଅବିଭକ୍ତ କୋରାପୁଟ ଜିଲ୍ଲା ଭୁମିଆ ସମାଜ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଜୟପୁର, ୧୩/୦୬ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲା ଭୁମିଆ ସମାଜର ବିକାଶ ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଅବିଭକ୍ତ କୋରାପୁଟ ଜିଲାର ଭୁମିଆ ସମାଜର ସଦସ୍ୟ ମାନେ ଏକତ୍ରିତ ହୋଇ ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଥିଲେ । ସେଠାରେ ଉପ ଜିଲାପାଳଙ୍କୁ ୧୦ ଦଫା ସମ୍ବଳିତ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଭୁମିଆ ସମାଜରେ ଜଣେ ମହିଳା ବା ଝିଅ ସାଧାରଣ ବର୍ଗ କିମ୍ବା ଅନୁସୁଚିତ ଜାତି ବ୍ୟକ୍ତିକୁ ବିବାହ କଲେ ମଧ୍ୟ ତାର ମୃତ୍ୟୁ ଯାଏଁ ଅନୁସୁଚିତ ଜନଜାତି ରହୁଛି । ଯଦ୍ୱାରା ସାଧାରଣ ବର୍ଗର ବ୍ୟକ୍ତି ଅନୁସୁଚିତ ଜନଜାତିର ସମସ୍ତ ପ୍ରକାର ସୁଯୋଗ ପାଉଛି । ଅନୁସୁଚିତ ଜାତିର ଜମି କିଣା, ରାଜନୀତି କ୍ଷେତ୍ରରେ ଫାଇଦା, ସରକାରି ଚାକିରି ଏପରି କ୍ଷେତ୍ରରେ ସୁଯୋଗ ନେଉଛନ୍ତି । ତେଣୁ ମହିଳା ଓ ଝିଅକୁ ଅନୁସୁଚିତ ଜନଜାତିରୁ ସମ୍ପୂର୍ଣ୍ଣବାଦ ଦିଆଯାଉ, ଭୁମିଆ ସମାଜର ବ୍ୟକ୍ତି ଯଦି ଖ୍ରିଷ୍ଟ ଧର୍ମ ଗ୍ରହଣ କରେ ତେବେ ସେ ବ୍ୟକ୍ତିକୁ ସାଧାରଣ ବର୍ଗରେ ସାମିଲ କରିବା, ଭୁମିଆ ଜାତି ନାମରେ ଅବିଭକ୍ତ କୋରାପୁଟ ଜିଲାରେ ସାଧାରଣ ବ୍ୟକ୍ତି ଜାଲ, ଜମି ପଟ୍ଟା ଓ ଜାତିଗତ ପ୍ରମାଣ ପତ୍ର ହାତେଇ ସରକାରି ବା ବେସରକାରି ଚାକିରି ଏବଂ ରାଜନୈତିକ ପଦ ପଦବି ଅକ୍ତିଆର କରି ଆଦିବାସୀ ମାନଙ୍କୁ ଶୋଷଣ କରୁଛନ୍ତି, ତେଣୁ ଏହାର ତଦନ୍ତ କରି ଉଚିତ କାର୍ଯ୍ୟନୁଷ୍ଠାନ ନିଆଯାଉ, ଭୁମିଆ ସମାଜର ସ୍ୱାଧିନତା ସଂଗ୍ରାମି ଶହଦି ଲକ୍ଷ୍ମଣ ନାୟକ ଗ୍ରାମ ତେନ୍ତୁଳିଗୁମ୍ମାର ଜନସାଧାରଣ ମୌଳିକ ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ବିଜୁଳି କାଟ୍ ପ୍ରତିବାଦରେ....

ମାତ୍ର ୧୫-୨୦ ମିନିଟ୍‌ର କାଳବୈଶାଖୀରେ ରାଜଧାନୀ ଭୁବନେଶ୍ୱର ସମେତ ଓଡିଶାର ବିଭିନ୍ନ ସ୍ଥାନରେ ୨୪ ଘଂଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ ହେଲା । ପାୱାର କଟ୍‌କୁ ପାୱାର ଟ୍ରିପ୍ ବୋଲି କହି ବିଭାଗୀୟ ମନ୍ତ୍ରୀ ଟାଟା ପାୱାର ସପକ୍ଷରେ ଯୁକ୍ତି ବାଢିଲେ ଏବଂ ଟାଟା ପାୱାରକୁ ସୁହାଇଲା ଭଳି ମନ୍ତବ୍ୟ ଦେଲେ । ବାସ୍ତବରେ ଓଡିଶା ସରକାର ଟାଟା ପାୱାର ଆଗରେ ବନ୍ଧା ପଡିଛନ୍ତି । ରାଜ୍ୟବାସୀ କେତେ ଘଂଟା ବିଜୁଳି କାଟ୍‌ର କଷ୍ଟ ସହିବେ, ତାହା ଶ୍ୱେତପତ୍ର ଜରିଆର ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ । ରାଜ୍ୟ ସରକାର ଶକ୍ତି ବିଭାଗ ମନ୍ତ୍ରୀଙ୍କ ଅବହେଳା ଓ ଟାଟା ପାୱାର କଂପାନୀ ପ୍ରୀତି ପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଶ୍ରୀ ହରିଚନ୍ଦନ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ସାଧାରଣ ସମ୍ପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ଗଣମାଧ୍ୟମ ପ୍ରମୁଖ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

ଆଜି ....

ରଜ ସଜବାଜରୁ ହିଁ ଗାଁରେ ତାସ୍, ଲୁଡୁ ଏବଂ ଚେସ୍ ଖେଳର ଆସର ଜମିଲାଣି । ଚକୁଳି , ଏଣ୍ଟୁରୀ , ଆରିଶା , କାକରା, ପୋଡ, ମଣ୍ଡା ପରି ଭଳିକି ଭଳି ପିଠା ପାଇଁ ପ୍ରସ୍ତୁତି ଆରମ୍ଭ ହେଲାଣି । ରାଜଧାନୀ ଭୁବନେଶ୍ୱରରେ ଓଟିଡିସି ପକ୍ଷରୁ ପାନ୍ଥ ନିବାସ ଠାରେ ରଜ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି । ଏହା ବ୍ୟତୀତ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ରଜ ପାଳନ ପାଇଁ ବ୍ୟବସ୍ଥା କରାଯିବା ସହ ବିଭିନ୍ନ ପ୍ରତିଯୋଜିତାର ଆୟୋଜନ କରାଯାଇଥିବା ସୂଚନା ମିଳିଛି । ଆଜି ସଜବାଜ ହୋଇଥିବାବେଳେ କାଲି ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି, ତୃତୀୟ ଦିନ ଭୂମିଦାହ ବା ଭୂମି ଦହନ ଓ ଚତୁର୍ଥ ଦିନ ବସୁମତୀ ସ୍ନାନ ଭାବେ ପାଳନ କରାଯାଏ । ଆଷାଢର ପ୍ରଥମ ଜଳରେ ମା' ମାଟି ହୁଏ ରଜସ୍ୱଳା । ଏଥିପାଇଁ ଏହିଦିନ କୃଷିକର୍ମ ନିଷେଧ କରାଯାଇଥାଏ । ରଜ ପର୍ବରେ କୁଆଁରୀ ଝିଅ ଓ ବୋହୂ ମାକୁ ସମ୍ମାନ ଦିଆଯାଇଥାଏ । ତେଣୁ ଏହି ୪ ଦିନ ସେମାନେ କୌଣସି କାମ କରିବାକୁ ବାରଣ କରାଯାଇଛି । ଏପରିକି ଖାଲି ପାଦ ଧରିତ୍ରୀ ଉପରେ ରଖିବା ବି ମନା । ରଜରେ ପାରମ୍ପରିକ ପିଠା ଖାଇ ଦୋଳିରେ ଝୁଲନ୍ତି କୁମାରୀ ।

ପାଚିକା -ସହାୟିକା ମାନଙ୍କୁ ....

ମା ମାନଙ୍କ ସଶକ୍ତିକରଣ ପାଇଁ ଉଦ୍ୟମ ଜାରି ରହିବ । ପାଚିକା ଓ ସହାୟିକାମାନଙ୍କୁ ଖାଦ୍ୟ ଓ ସ୍ୱଚ୍ଛତା ସମ୍ପର୍କରେ ତାଲିମ ଦିଆଯାଇଛି ବୋଲି ପ୍ରକାଶ କରି ସେମାନେ ମଧ୍ୟାହ୍ନ ଭୋଜନରେ ସ୍ୱଚ୍ଛତା ଓ ଖାଦ୍ୟ ସୁରକ୍ଷା ବଜାୟ ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଅଭିଭାଷଣ ଦେଇ ରାଜ୍ୟରେ ଚାଲିଥିବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ଗୁଡିକରେ ଉପସ୍ଥାପନ ଓ ପୁଷ୍ଟିହୀନତା ଦୂର କରିବାରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଅଶ୍ୱଥି.ଏସ୍. ସ୍ୱାଗତ ଭାଷଣ ଦେଇଥିଲେ ଏବଂ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ନୋଡାଲ ଅଫିସର ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ, ରାଜ୍ୟରେ ୫୦,୮୬୨ଟି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪୫.୫୦ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି । ୪୭୩୦ ମିଶନ ଶକ୍ତି ଗୋଷ୍ଠୀର ୧.୦୯ ଲକ୍ଷ ପାଚିକା ଓ ସହାୟିକାମାନେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ସାମିଲ ଅଛନ୍ତି । ପୂର୍ବରୁ ୨୦୧୭-୧୮ ମସିହାରେ ସେମାନଙ୍କ ପାଇଁ ଶାଢ଼ି ଭତ୍ତା ବାବଦରେ ଜଣ ପିଛା ୨୫୦ ଟଙ୍କା ମଞ୍ଜୁର କରାଯାଇଥିଲା ।

ଆୟ ବହିର୍ଭୂତ ....

ତାଙ୍କର ୧୮୩ % ଆୟ ବହିର୍ଭୂତ ସମ୍ପତି ବଢିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ସୋମବାର ଦିନ ଚଢଉ ବେଳେ ଭୁବନେଶ୍ୱରରେ ୩୫୭୨ ବର୍ଗଫୁଟ୍ ର ଦୁଇ ମହଲା କୋଠା, ଭୁବନେଶ୍ୱର ଓ କଟକର ବିଭିନ୍ନ ସ୍ଥାନରେ ୭ଟି ମୂଲ୍ୟବାନ ପ୍ଲଟ୍, ୫୦ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା, ଅଳଙ୍କାର, କ୍ରିପ୍ଟୋ କରେନସିରେ ବିନିଯୋଗ, ୧୩ଲକ୍ଷ ୪୦ ହଜାର ଟଙ୍କା ଡଷ୍ଟର କାର ଓ ଦୁଇ ଚକିଆ ଗାଡ଼ି, ୧୧ ଲକ୍ଷ ୭୩ ହଜାର ଟଙ୍କାର ନଗଦ ଟଙ୍କା, ବମିଖାଲ ଭୁବନେଶ୍ୱରରେ ସଂପର୍କୀୟଙ୍କ ନାମରେ ଥିବା ପ୍ଲଟ୍, ପୁଅ ଝିଅଙ୍କ ପଢା ବାବଦରେ ୧ କୋଟି ଟଙ୍କା ଖର୍ଚ୍ଚ ସଂପର୍କିତ ତଥ୍ୟ ହସ୍ତଗତ ହୋଇଛି । ଚଢାଉ ବେଳେ ତାଙ୍କ ଘରୁ ହୀରାର ହାର ମଧ୍ୟ ଠାବ ହୋଇଥିଲା ।

ବାହାରିଲା ନିଟ୍ ....

ଉତ୍ତର ପ୍ରଦେଶରୁ ସର୍ବାଧିକ ୧.୩୯ ଲକ୍ଷ, ମହରାଷ୍ଟ୍ରରେ ୧.୩୧ ଲକ୍ଷ ଓ ରାଜସ୍ଥାନର ୧ ଲକ୍ଷରୁ ଅଧିକ ପିଲା ନିଟ୍-ୟୁଜି କ୍ୱାଲିଫାଏ କରିଛନ୍ତି । ମେ' ୭ରେ ଏନଟିଏମ ଦେଶର ୪୯୯ଟି ଓ ବିଦେଶର ୧୪ଟି ସହରରେ ହୋଇଥିବା ୪,୦୯୭ଟି କେନ୍ଦ୍ରରେ ନିଟ-ୟୁଜି ପରୀକ୍ଷା ଆୟୋଜନ କରିଥିଲା । ପରୀକ୍ଷା ବେଳେ କପି କରି କେବଳ ୭ ଜଣ ପିଲା ଧରା ପଡ଼ିଥିଲେ । ବାକି ସମସ୍ତେ ସଂପୂର୍ଣ୍ଣ ସ୍ୱଚ୍ଛତାର ସହ ପରୀକ୍ଷା ଦେଇଥିଲେ । ଇଂରାଜୀ, ହିନ୍ଦୀ, ଓଡ଼ିଆ ଭଳି ୧୩ଟି ଭାଷାରେ ଚଳିତ ବର୍ଷ ପରୀକ୍ଷା ହୋଇଥିଲା ।

୧୩ ଦିନରେ.....

ହୋଇ ଧୈର୍ଯ୍ୟର ସହ ସରକାରଙ୍କୁ ଅନୁରୋଧ ଜଣାଇଥିଲେ । ପୁଣିଥରେ ତା ୨୧.୦୪.୨୦୨୩ରିଖରେ ଆଉ ଏକ ସ୍ମାରକପତ୍ର ଜରିଆରେ ୪୨୦୦ ଗ୍ରେଡ୍‌ପେ ଓ ଲେବୁଲ-୯ର ଦାବିକୁ ସମାଧାନ କରିବା ପାଇଁ ଅନୁରୋଧ ଜଣାଇଥିଲେ । କିନ୍ତୁ ଏହି ନୈରାଶ୍ୟ ସୃଷ୍ଟିକାରୀ ସମସ୍ୟାର ସମାଧାନ ନହେବାରୁ ତା ୦୧.୦୫.୨୦୨୩ରିଖରେ ସରକାରଙ୍କୁ ଏକ ଚରମ ପତ୍ର ମାଧ୍ୟମରେ ତା ୨୧.୦୫.୨୦୨୩ରିଖ ସୁଦ୍ଧା ଘଟଣାର ସମାଧାନ କରିବା ପାଇଁ ଅନୁରୋଧ କରିଥିଲେ । ସମାଧାନ ନହେଲେ ଗଣତାନ୍ତ୍ରିକ ପନ୍ଥାରେ କଳାବ୍ୟାଜ୍ ପରିଧାନ କରିବା ଓ ୩୧.୦୫.୨୦୨୩ ସୁଦ୍ଧା କୌଣସି ସମାଧାନର ରାସ୍ତା ନ ବାହାରିଲେ ତା ୦୧.୦୬.୨୦୨୩ରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟି ମାଧ୍ୟମରେ ପ୍ରତିବାଦ କରିବା ପାଇଁ ନିଷ୍ପତି ନେଲେ ଓ ଏହି ନିଷ୍ପତିକୁ ପତ୍ର ମାଧ୍ୟମରେ ଓ ବିଭିନ୍ନ ଗଣମାଧ୍ୟମ ଜରିଆରେ ରାଜ୍ୟ ସରକାର ଓ ଜନସାଧାରଣଙ୍କ ଦୃଷ୍ଟିଗୋଚର କରାଗଲା ଏବଂ ଏହା ରେଡ଼କ୍ରସ ଭବନ, ୟୁନିଟ୍-୯ରେ ଆୟୋଜନ କରାଯାଇଛି । ଗତ ତା ୦୨.୦୬.୨୦୨୩ରେ ରାଜ୍ୟର ମୁଖ୍ୟ ଶାସନ ସଚୀବଙ୍କ ସହ କର୍ମଚାରୀ ସଂଘ ପ୍ରତିନିଧିମାନଙ୍କର ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇ ଦୁଇ ଦଫା ଧରି ହୋଇଥିଲେ ହେଁ ସମାଧାନର କୌଣସି ନିଷ୍କର୍ଷ ବାହାରି ପାରିଲା ନାହିଁ । କର୍ମଚାରୀମାନେ ତାଙ୍କର ନ୍ୟାର୍ଯ୍ୟଦାବି ସରକାରଙ୍କ ଠାରୁ ପାଇବା ପାଇଁ ଅଶା ବାନ୍ଧି ଅଛନ୍ତି । ତେଣୁ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବା ପାଇଁ ତା ୦୪.୦୬.୨୦୨୩ରିଖ ରେଡ଼କ୍ରସ ଭବନ, ଭୁବନେଶ୍ୱରଠାରେ ମିଳିତ ଅମଲା ସଂଘର ଅଧ୍ୟକ୍ଷ ଶ୍ରୀ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ୩୦ଗୋଟି ଜିଲ୍ଲାର କର୍ମଚାରୀ ନେତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶକୁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଗଲା । ୩୦ଗୋଟି ଜିଲ୍ଲାରୁ ୨୦୦ରୁ ଅଧିକ କର୍ମଚାରୀ ନେତା ଏଥିରେ ଅଂଶଗ୍ରହଣ କରି ସବୁ ଜିଲ୍ଲାର ଅମଲା ମାନଙ୍କର ଭାବାବେଗକୁ ପାଥେୟ କରି ସର୍ବସମ୍ମତିକ୍ରମେ ଏହି ନିଷ୍ପତି ନିଆଗଲା ଯେ, ସରକାର ଯେଉଁ ପର୍ଯ୍ୟନ୍ତ କନିଷ୍ଠ ସହାୟକଙ୍କ ଗ୍ରେଡ୍ ପେ ୪୨୦୦ (ଲେଭଲ-୯) ନ କରିଛନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ । ଆନ୍ଦୋଳନ ଜନିତ ଉପୁଜିଥିବା ସମସ୍ୟା ପାଇଁ ଜନସାଧାରଣଙ୍କ ନିକଟରେ ଦୁଃଖ ପ୍ରକାଶ କରାଯାଇ ସେମାନଙ୍କ ସହଯୋଗ କାମନା କରାଗଲା । ତା ୦୭.୦୬.୨୦୨୩ରେ ମୁଖ୍ୟ ଶାସନ ସଚିବଙ୍କ ସହ ସଂଘର ଅନୁଷ୍ଠିତ ଆଲୋଚନା ମଧ୍ୟ ବିଫଳ ହୋଇଛି । ସେହି ପରିପ୍ରେକ୍ଷୀରେ ୦୯.୦୬.୨୦୨୩ରିଖରେ ରାଜ୍ୟ ପରିଷଦ ବୈଠକରେ ଆନ୍ଦୋଳନ ଚଳାଇ ରଖିବା ପାଇଁ ସର୍ବସମ୍ମତି ନିଷ୍ପତି କରାଗଲା । ଆଜି ଅନ୍ଦୋଳନର ତ୍ରୟୋଦଶ ଦିବସ । ଏହି ଅବସରରେ ଗଣମାଧ୍ୟମ ଜରିଆରେ ଆମ୍ଭେ ଘଟଣାର ଆଶୁ ସମାଧାନ ନିମନ୍ତେ ସରକାରଙ୍କୁ ନିବେଦନ କରୁଅଛୁ ଯେ, ସରକାର ଅମଲାଙ୍କ ଦାବି ପ୍ରତି ସହୃଦୟତାର ସହିତ ବିଚାର କରି ଯଥାଶୀଘ୍ର ଦାବି ପୂରଣ କରନ୍ତୁ ଓ ଜନସାଧାରଣ ପାଇଁ ଉପୁଜିଥିବା ସମସ୍ୟାର ସମାଧାନ ହେଉ ।

ମଂଚକୁ ଡ଼ାକି ଅପମାନିତ କରିବାର ମସୁଧା ବାରି ହୋଇ ପଡ଼ିଲା

ଉଦଳା, ୧୩/୦୬ (ନି.ପ୍ର): ଭାରତୀୟ ଜନତା ପାର୍ଟି ତରଫରୁ ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବୁଦ୍ଧିଜୀବି ସମ୍ମିଳନୀ ସ୍ଥାନୀୟ 'ସନ୍ଧାନ ଗୃହ' ପରିସରରେ ଚଳିତ ଜୁନ ୧୧ ତାରିଖ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କର ୯ ବର୍ଷ ପୁର୍ତି ଉପଲକ୍ଷେ ଆଜିର ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାର ଜଣାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଇଂ. ବିଶେଶ୍ୱର ଟୁଡୁ, କେନ୍ଦ୍ର ସରକାରଙ୍କର ଅନୁସୂଚିତ ଜାତି ମୋର୍ଚ୍ଚାର ସାଧାରଣ ସଂପାଦକ ସଂଜୟ ନିର୍ମଳ, ପୁର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଉଦଳା ବିଧାୟକ ଭାସ୍କର ମଢ଼େଇ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଭାଜପାର ବରିଷ୍ଠ ନେତା କମଳ ଧଳ ପ୍ରମୁଖ ମଂଚାସୀନ ଥିବା ବେଳେ ଅନ୍ୟତମ ଭାଜପାର ବରିଷ୍ଠ ନେତା ନିହାର ରଂଜନ ମୋଦି ମଂଚ ପରିଚାଳନା କରୁଥିଲେ । ଅତିଥି ବୃନ୍ଦ ମଂଚରେ ବସି ସାରିବା ପରେ ସମସ୍ତଙ୍କୁ ଫୁଲ ତୋଡ଼ା ଓ ଉତରୀୟ ପ୍ରଦାନ ପୁର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । କିନ୍ତୁ ଏତିକି ବେଳେ କେବଳ ବାଛି ବାଛି ନଗରପାଳ ପ୍ରମିଳା ପଣ୍ଡା ଓ ବରିଷ୍ଠ ନେତା କମଳ ଧଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇନଥିଲା । ଏହାଯେ ପୁର୍ବରୁ ଯୋଜନାବଦ୍ଧ ଭାବରେ କରାଯାଇଥିଲା ତାହା ବେଶ ସ୍ପଷ୍ଟ ବାରି ହୋଇ ପଡୁଥିଲା । ଏହା ଉପସ୍ଥିତ ଜନତାଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ଖେଳାଇ ଦେଇଥିଲା । ଉକ୍ତ ଘଟଣାକୁ କେନ୍ଦ୍ର କରି ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । କେତେକ ଏହା ଭାଜପାର ଗୋଷ୍ଠୀ କନ୍ଦଳର ଏକ ଝଲକ କହୁଥିବା ବେଳେ, ଆଉ କେତେକ ଅନ୍ୟକୁ ଅପମାନିତ କରିବା ପାଇଁ ଯୋଜନା କରୁଥିବା ଲୋକେ ନିଜେ ଅପମାନିତ ହୋଇ ଗଲେ ବୋଲି ବ୍ୟକ୍ତ କରୁଛନ୍ତି । ଆଉ କେତକ ଆଗକୁ ନିର୍ବାଚନ ଆସୁଥିବାରୁ ଦଳ ମଧ୍ୟରେ ଏପରି କନ୍ଦଳ ଆଦୌ ଶୁଭଙ୍କର ନୁହେଁ ବୋଲି ଚେତାବନୀ ଦେଇଛନ୍ତି ।

ଅଣ ଉଦ୍‌ଘାଟିତ ହୋଇ ରହିଲା ମାର୍କେଟ କମ୍ପ୍ଲେକ୍ସ

ପୁରୀ, ୧୩/୦୬ (ନି.ପ୍ର): ସହରବାସୀ ଆଶା କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରଥଯାତ୍ରା ସମୀକ୍ଷା ବୈଠକ ପାଇଁ ପୁରୀ ଆସିଲେ ବହୁ ପ୍ରତିକ୍ଷିତ ତିନୋଟି ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ ହେବ । ବଡ଼ଦାଣ୍ଡରୁ ଓ ଐତିହ୍ୟ କରିନର ମଧ୍ୟରେ ଭଙ୍ଗା ଯାଇଥିବା ଦୋକାନ ଗୁଡ଼ିକୁ ଏହି ମାର୍କେଟ କମ୍ପ୍ଲେକ୍ସରେ ଥଇଥାନ କରାଯିବ । ଆଜି ସମସ୍ତ ଆଶା ଧୂଳିସାତ ହୋଇଛି । ବହୁ ବିବାଦ ଯୋଗୁଁ ମାର୍କେଟ କମ୍ପ୍ଲକ୍ସର ଉଦଘାଟନ ହେବାରେ ବାଧା ସୃଷ୍ଟି ହୋଇଥିବା ଆଲୋଚିତ ହୋଇଛି । ଯେଉଁମାନଙ୍କ ଦୋକାନ ଗୃହ ନଥିଲା ସେମାନେ ମଧ୍ୟ ଦୋକାନ ଗୃହ ପାଇଥିବା ଶୁଣିବାକୁ ମିଳୁଛି । କିଛି ପ୍ରଭାବଶାଳି ନେତା, ଯନ୍ତ୍ରୀ, ଅଧିକାରୀ ଓ ସାମ୍ବାଦିକ କିଛି ଦୋକାନ ଗୃହ ଅନ୍ୟନାମରେ କରାଇଥିବା ସହରରେ ଆଲୋଚନା ହେଉଛି ।

ପ୍ରଧାନମନ୍ତ୍ରୀ ବୀମା ଯୋଜନା ସମ୍ପର୍କରେ ସଚେତନତା ଶିବିର

ଲଙ୍ଗଳେଶ୍ୱର , ୧୩/୦୬ (ନି.ପ୍ର): କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସୁରକ୍ଷାବୀମା ଓ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ସମ୍ପର୍କରେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ କାଳିପଦା ଶାଖା ଆନୁକୁଲ୍ୟରେ ସଚେତନତା ଶିବିର ପ୍ରତାପପୁର ଗ୍ରାମ ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି ।

ବୁଧବାର, ଜୁନ୍ ୧୪, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଶ୍ରୀଜୀଉଙ୍କ ଦଶମୂଳ ପ୍ରସ୍ତୁତି ଓ ଚକା ବିଜେ ନୀତି

ପୁରୀ, ୧୩/୦୬ (ନି.ପ୍ର): ଆଜି ଅଣସର ଦଶମୀ ତିଥିରେ ଶ୍ରୀଜିଉ ମାନଙ୍କୁ ଦଶମୂଳ ମୋଦକ ଲାଗି ହୋଇଛି । ପରେ ଚକା ବିଜେ ନୀତି ଅନୁଷ୍ଠିତ ହେବ । ଆୟୁର୍ବେଦିକ ପଦ୍ଧତି ଓ ଶାସ୍ତ୍ର ଅନୁସାରେ ଶ୍ରୀଜୀଉଙ୍କ ନିମନ୍ତେ ଦଶମୂଳ ମୋଦକ ପ୍ରସ୍ତୁତ କରାଯାଇଥିଲା । ଏହା ଏକାଦଶୀ ଦିନ ଶ୍ରୀଜୀଉଙ୍କ ପାଖେ ସମର୍ପଣ ହୋଇଥାଏ । ଶ୍ରୀମନ୍ଦିରର ରାଜବୈଦ୍ୟ ସେବକ ମାନେ ପୁରୁଷାନୁକ୍ରମେ ମହାପ୍ରଭୁଙ୍କ ଏହି ସେବା କରିଥାନ୍ତି । ଏହି ମହୌଷଧି ପ୍ରସ୍ତୁତି ନିମନ୍ତେ ଶାଳପନ୍ନି, ଗମ୍ଭାରୀ, ଫଣଫଣା, କୃଷ୍ଣ ପନ୍ନି, ଅଗବଥୁ, ବେଲ, ଅଙ୍କରାନ୍ତି, ଗୋଖରା, ଲବିଂ କୋଳି, ନବାଙ୍କୁରୀକୁ ପ୍ରଥମେ ଶୁଖା ଯାଇଥିଲା । ପରେ ଏହାକୁ କୁଟା ଯାଇ ଗୁଣ୍ଡ କରାଯାଇଥିଲା । ଏହି ଗୁଣ୍ଡକୁ ଗାମୁଛାରେ ଛାଣି ନୂତନ କାଠ ଚୁଲିରେ କଡେଇ ବସାଯାଇ ଖୁଆ, ଶର୍କରା, ସର, ମହୁ, ଘିଅ, ଭାଙ୍ଗ ଆଦି ପକାଯାଇ ଏହାକୁ ପାଗ କରାଯାଇଥିଲା । ପାଗ ପରେ ଏହାକୁ କଦଳୀ ପତ୍ର ଉପରେ ରଖି ଥଣ୍ଡା କରାଯାଇଥିଲା । ଥଣ୍ଡା ହେଲା ପରେ ଏହାକୁ ଗୋଲାକାର ମୋଦକ କରି ୩ଟି କୁଡୁଆରେ ରଖା ଯାଇଥିଲା । ଏହା ଉପରେ କର୍ପୂର ଦେଇ ତାଳପତ୍ର ଭୋଗେଇରେ ରଖି ଶ୍ରୀମନ୍ଦିର ଗାରଦରେ ଦାଖଲ କରାଯାଇଥିଲା । ନୀଳାଦ୍ରି ମହୋଦୟ ଶାସ୍ତ୍ରରେ ମହାପ୍ରଭୁଙ୍କ ଅଣସର କାଳୀନ ଗୋପନ ସେବା ସଂପର୍କରେ ରହିଥିବା ମାର୍ଗ ଦର୍ଶକ ମୁତାବକ, ବିଶ୍ୱାବସୁ ତଥା ବିଦ୍ୟାପତି ବଂଶଧାରମାନେ ଶ୍ରୀଅଙ୍ଗ ସେବାରେ ଲାଗିବେ । ଏହି ସେବା ପାଇଁ ବିଭିନ୍ନ ପ୍ରକାରର ଚେରମୂଳିରୁ ପ୍ରସ୍ତୁତ ଔଷଧ ପ୍ରସ୍ତୁତ କରାଯାଇଛି । ସେଥିମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବଡଓଡିଆ ମଠରୁ ଆସିଥିବା ଫୁଲୁରି ତେଲ ଓ ଶୁଦ୍ଧସୁଆର ସେବକମାନେ ଯୋଗାଇଥିବା ଓଷୁଅ ବା ଖଳି ।ସ୍ନାନ ପୂର୍ଣ୍ଣମୀ ଦିନ ସର୍ବାଙ୍ଗ ସ୍ନାନ ପରେ ଅସୁସ୍ଥ ହୋଇ ପଡିଥିବା ମହାପ୍ରଭୁଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ କରିବା ଲାଗି ଦଶମୂଳ ମହୌଷଧି ଲାଗି କରାଯାଏ । ପବିତ୍ର ଏକାଦଶୀ ତିଥି ଅବସରରେ ବିଳମ୍ବିତ ରାତିରେ ଶ୍ରୀମନ୍ଦିର ବୈଦ୍ୟଙ୍କ ପରାମର୍ଶ କ୍ରମେ ପତି ମହାପାତ୍ର ସେବକ ଏହାକୁ ଲାଗି କରିବେ । ଏହି ମହୌଷଧି ଶ୍ରୀ ଅଙ୍ଗରେ ଉପଚାର କରାଯିବା ପରେ ଜ୍ୱରରେ କମ୍ପୁଥିବା ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହେବେ ।

ଖୁଚୁରା ବେପାରୀଙ୍କ ସହ ଜିଲ୍ଲା ପ୍ରଶାସନ ବୈଠକ

ପୁରୀ, ୧୩/୦୬ (ନି.ପ୍ର): ଆଜି ଅପରାହ୍ନରେ ଉପ-ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ଉପ-ଜିଲ୍ଲାପାଳ ଙ୍କ ପୌରହିତ୍ୟ ରେ ପୁରୀ ପୌରାଂଚଳର ପାଇକାରି ଖୁଚୁରା ବେପାରୀ, ଏଲପିଜି ଗ୍ୟାସ ବିତରକ ପେଟ୍ରୋଲ ଓ ଡିଜେଲ ବିତରକମାନଙ୍କ ସହ ଆସନ୍ତା ରଥ ଯାତ୍ରା ୨୦୨୩ ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

ଉକ୍ତ ବୈଠକ ରେ ପୁରୀ ପୌରାଂଚଳର ସିଟି ଡିଏସପି କେ କେ ହରିହରନ, ଅତିରିକ୍ତ ଯୋଗାଣ ଅଧିକାରୀ, ପୁରୀ ସଦର, ସରକାରୀ ଯୋଗାଣ ଅଧିକାରୀ ପୁରୀ ପୌରାଂଚଳ, ବଜାର ନିତାନ୍ତଣ ଅଧିକାରୀ, ପୁରୀ ଓ ପୁରୀ ଜିଲ୍ଲାର ସମସ୍ତ ଯୋଗାଣ ନିରୀକ୍ଷକ ଉପସ୍ଥିତ ଥିଲେ । ଉକ୍ତ ବୈଠକ ରେ ଚଳିତ ରଥ ଯାତ୍ରା ରେ କିପରି ଭାବେ ଖାଦ୍ୟ ସମାଗ୍ରୀ ର ଉଚିତ୍ ପରିଚାଳନା ଓ ଏଲପିଜି ଘରୋଇ ଗ୍ୟାସର ସୂଚାରୁ ରୂପେ ବଂଟନ ଓ ପେଟ୍ରୋଲ ଓ ଡିଜେଲର ପ୍ରଚୁର ଭାବେ ପୁରୀ ପୌରାଂଚଳରେ ଉପଲବ୍ଧ ହୋଇଥାଏ ସେହି ଉପରେ ଏକ ବିସ୍ତୃତ ଆଲୋଚନା ହୋଇଥିଲା ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମ ନିରୋଧ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ , ୧୩/୦୬ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା ବିଶ୍ୱ ଶିଶୁ ଶ୍ରମ ନିରୋଧ ଶୋଭାଯାତ୍ରା । ଏହି ଶୋଭାଯାତ୍ରାରେ ଜିଲ୍ଲାଆଇନ୍ ସେବା ପ୍ରାଧିକରଣ ଭାରପ୍ରାପ୍ତ ସଚିବ ଶ୍ରୀମତୀ ପ୍ରଣତୀ ପଟେଲ ଏହାକୁ ପରିଚାଳନା କରିଥିଲେ । ଏହି ଶୋଭାଯାତ୍ରାରେ ଜିଲ୍ଲା ଜଜ୍ କୋର୍ଟର ସମସ୍ତ ବିଚାରପତି ଆଇନ୍‌ଜୀବୀ ତଥା ଆଇନ୍ ସେବା ପ୍ରାଧିକରଣ ପିଏଲଭି ପ୍ୟାନେଲ୍ ଓକିଲମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହାପରେ ଜିଲ୍ଲା କୋର୍ଟ ନଳାଙ୍ଗ, ଭଦ୍ରକ ପରିସରରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ସଂକ୍ରାନ୍ତିୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ ଶିଶୁ ଯନ୍ନ, ସୁରକ୍ଷା ଏବଂ ଶିଶୁ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ (ଫେଲୋସିପ୍) ସି..ସି.ୟୁ.ର ପିଲାମାନଙ୍କ ଅଭିନୀତ ଶିଶୁ ସୁରକ୍ଷା ସଂପର୍କିତ ବିଷୟ ବସ୍ତୁଟି ସମସ୍ତଙ୍କୁ ବେଶ୍ ଆଦୃତ କରିଥିଲା । ଏହି କାର୍ଯ୍ୟକ୍ରମରେ ଭଦ୍ରକ କୋର୍ଟର ସମସ୍ତ ବିଚାରପତି ବୃନ୍ଦ, ଭଦ୍ରକ ଓକିଲସଂଘର ସଭାପତି ତଥା ବରିଷ୍ଠ ଅଧିବକ୍ତା ଶ୍ରୀ ନିରାକାର ଜେନା ମହୋଦୟ, ଫେଲୋସିପ୍‌ର ନିର୍ଦ୍ଦେଶକ ଶ୍ରୀ ଲଲାଟେନ୍ଦୁ ମହାନ୍ତି, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ଡ. ଦେବରାଜ ପାଣିଗ୍ରାହୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଶ୍ରୀ ଅବିନାଶ ମହାନ୍ତି, ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ଜେନା ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପ୍ୟାନେଲ ଓକିଲ ଶ୍ରୀ ତାପସ୍ କୁମାର ମହାନ୍ତି, ଶ୍ରୀ କାହ୍ନୁଚରଣ ବାରିକ୍, ପି.ଏଲ.ଭି. ତଥା ଆଇନ୍‌ଜୀବୀ ପ୍ରମଖୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମକର୍ତ୍ତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଫଳ କରାଇଥିଲେ । ପରିଶେଷରେ ପ୍ୟାନେଲ୍ ଓକିଲ ଶ୍ରୀ ରାଜୀବ କୁମାର ବାରିକ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ବ୍ୟକ୍ତି ବିଶେଷ ତଥା ଯୋଗଦେଇଥିବା ସମସ୍ତ ଶ୍ରୋତା ବିଶେଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଂଶୁଘାତରେ ୨ ମୃତ: ପାଣି ପିଇବା ପାଇଁ ହା ହା କାର

ଖୋର୍ଦ୍ଧା , ୧୩/୦୬ (ନି.ପ୍ର): ଖୋର୍ଦ୍ଧା ପୌରପରିଷଦ ଦିନକୁ ଦିନ ବହୁ ଅବେବସ୍ଥା । କାହାକୁ କହିବେ ସାଧାରଣ ଲୋକେ । ଏହି ପୌରପରିଷଦ ଏହାର ବାପ ମାଆ କିଏ । ଅସହ୍ୟ ଖରା ଗୁଳି ଗୁଳିରେ ଧନୀ ବା ଗରୀବ ବାଟୋଇ ପାଣି ଟୋପେ ପାଇଁ ହା ହା କାର । କୌଣସି ଛକ ଜାଗା ରେ ପାଣି ଷ୍ଟାଣ୍ଡ ବେବସ୍ଥା ନାହିଁ କି ଖରା ରୁ ଶୋଷରୁ ମୁକ୍ତି ପାଇବା ପାଇଁ ପାଣି କି ଛାଇ ପାଇଁ ଛାମୁଣ୍ଡିଆ ବେବସ୍ଥା ନାହିଁ । ଛାୟା ପ୍ରଦ ଗଛ ସହର ଭିତରେ ବହୁ କମ । ବଡ ଗଛ ପ୍ରାୟ ବିଲୁପ୍ତ ହେଲାଣି ୧୬ ନମ୍ବର୍ ଓ ୫୬ ନମ୍ବର୍ ରାଜ ପଥରୁ । ସରକାର ଯେଉଁ ରାସ୍ତା ଅନତି ଦୂରରେ ଗଛ ଲଗାଇ ,ଜଙ୍ଗଲ କରିଛନ୍ତି ତାହା ଛାୟା ପାଇଁ ନୁହେଁ,। ଚୋରି, ରାହାଜାନୀ, ଦୁଷ୍କର୍ମ ଆଦି ପାଇଁ ଉଦ୍ଦିଷ୍ଟ ଲୋକେ କୁହନ୍ତି ଓ ଘଟୁଛି । କୁଆଡେ ସମ୍ରାଟ ଶେର ସାହା , ଅମଳ ଗଲା । ଛାୟା,ଖାଦ୍ୟ, ଶୋଷ ମେଣ୍ଟାଇବା ବୃକ୍ଷ ରାଜି ତାଙ୍କ ଅମଳର ଆଉ ନାହିଁ । ତାଙ୍କ ଦୂର ଦୃଷ୍ଟି ଏବେ ସ୍ୱାଧୀନ ଭାରତ ଓ ଓଡ଼ିଶା ସରକାର ଆଧୁନିକ କରଣ ନାମରେ ଖରା ବର୍ଷା ମୃତ ଓ ବନ୍ଧା ପଡିଛି । ଏବେ ପରିବେଶ ସନ୍ତୁଳନ ହୋଇ ଅସହ୍ୟ ରୁଦ୍ରତାପ ଗୁଳି, ଗୁଳି, ଯୋଗୁ, ବହୁ ଲୋକ ଅଂଶୁଘାତ ମୃତ । ଖୋର୍ଦ୍ଧା ଡାକ୍ତର ଖାନାରେ ଦୁଇ ଜଣ ମୃତ । ଏଠି ବି ସ୍ୱତ୍ରନ୍ଦ ବେବସ୍ଥା ନାହିଁ ।ଗତ କଲି ଖୋର୍ଦ୍ଧା ସହର ରେ ଏକା ଦିନକେ ୪ ଜଣ ମୃତ । କିଏ କହୁଛି ଅଂଶୁ ଘାତ, କିଏ ବିଭିନ୍ନ କାରଣ କହୁଛନ୍ତି । ମୋଟ ଉପରେ ଆମ ଜିଲ୍ଲା ପ୍ରସାସନ ବିଭିନ୍ନ ଅଧିକାରୀଙ୍କୁ ଧରି ପ୍ରେସ ମିଟ୍ କରୁଛନ୍ତି, ଅଂଶୁଘାତ ବନ୍ୟା,ବାତ୍ୟା ଆଦି ପାଇଁ । ମାତ୍ର ଏବେ ଲୋକ ପ୍ରିୟ ସରକାର କଣ ପାଇଁ ସାମ୍ୟାଦିକ ମାନଂକୁ ଅଣ ଦେଖା କରୁଛନ୍ତି ଆସର୍ଯ୍ୟ ଲାଗୁଛି । ପ୍ରଚାର ପ୍ରସାର କରିବା, ଲୋକ ଲୋଚନକୁ ସରକାରଙ୍କର ବହୁବିଧ ଲୋକ ହିତକର କାର୍ଯ୍ୟ ସମ୍ବାଦ ପତ୍ର,ଓ ସାମ୍ୟାଦିକ ପ୍ରଚାର ପ୍ରିଣ୍ଟ ଓ ବୈଦ୍ୟୁ ତିକ ମିଡିଆ କରିବା କଥା ମାତ୍ର ତାଙ୍କୁ ଡକା ଯାଉ ନାହିଁ କାହିଁକି ? ଏହାର ଉତ୍ତର ବିଭାଗୀୟ ମନ୍ତ୍ରୀ , ସଚିବ,ଓ ଜିଲ୍ଲା ପାଳ ମାନେ ଉତ୍ତର ଦେବାକୁ ଅନୁରୋଧ । ଆଗେ ଏକ ନମ୍ବର୍ ଜିଲ୍ଲା ଖୋର୍ଦ୍ଧା ପ୍ରଶାସଠାରୁ ଜାଣିବାକୁ, ଲୋକେ ଚାହୁଁଛନ୍ତି । ଯଦି ବିଭାଗୀୟ ଅଧିକାରୀ ନିଜ ଜାଇ ବୁଲି ଦେଖନ୍ତେ ଓ ତାଙ୍କ କର୍ମଚାରୀ ମାନଙ୍କ ଦ୍ୱାରା ପ୍ରଚାର୍ କରନ୍ତେ ଲୋକେ ସଚତେନ ହୁଁଅ ନ୍ତେ । ଖୋର୍ଦ୍ଧା ପୌର ପରିଷଦ ପ୍ରଚାର ଗାଡି ଆସି ସହର ମେନ ରାସ୍ତାରେ ପ୍ରଚାର କରି ବେଳେ, ବେଳେ, ଯାଏ ଲୋକଙ୍କଠାରୁ ଶୁଣିବାକୁ ମିଳେ । ମାତ୍ର ଗଳି କନ୍ଦି ବସ୍ତି, ସାହୀ, ନଗର, ୱାର୍ଡ଼ ଭିତର ଲୋକେ ମାନେ ବହୁ କିଛି ଜାଣି ପାରନ୍ତି ନାହିଁ ।ଅଟୋ ମାଇକ ପ୍ରଚାରରୁ । ମାତ୍ର ୨/୩ କୀଲୋ ମିଟର ବୁଲି ପୁରା ସହର ୨୨ ୱାର୍ଡ଼ ବୁଲିବା ଦେଖାଇ, ସହ, ସହ, କି,ମି, ମିଛ ଭାଉଚର୍ ଗାଡି ବାଲା ଠାରୁ କରିବା ଶୁଣାଯାଇ ଥାଏ । ତାଙ୍କ ଭିତର ଆଲୋଚନା ହୁଏ ଓ ସହର ଲୋକେ କହନ୍ତି । ତୋର ଅଧେ କୁ ମୋର ଅଧେ । ସେହି ପରି ପିଇବା ପାଣି ଓ ଛାମୁଣ୍ଡିଆ ଆଦି ମିଛ ଭାଉଚର କରିବା ଶୁଣିବାକୁ ମିଳେ । ଏହା ସହର ମଧ୍ୟରେ କେଉଁଠି ଦେଖିବାକୁ ମିଳେ ନାହିଁ । କଥାରେ ଅଛି ଯେଉଁ ଘରେ ପିଲା, ମହିଳା, ନିସାଡ଼ିଆ ମୂରବୀ ସେ ଘର ଠିକ ଚାଲେ ନାହିଁ । ଏବେ ଖୋର୍ଦ୍ଧା ପୌର ପରିଷଦ ସେହି ଅବସ୍ଥା । ଜେ, ଏ ବାବଦ କହିବ,ଲେଖିବ ତାଙ୍କ ସାହି, ବସ୍ତି, ୱାର୍ଡ଼, କହିବା ଲୋକ ଦୁଆର , ନାଳୀ ଆଦି ପରିମଳ ହୁଏ ନାହିଁ । ଆପତି,ଅଭିଯୋଗ କରିବା ଓ ଲେଖି କରି ଦେବା ଲୋକକୁ କରନ୍ତି ହିନସ୍ତା ।ଜାଣି ଶୁଣି ପୌର କର୍ମଚାରୀ ଲୋକେ କିଛି କହନ୍ତି । ଯେଉଁ ଦୁଇ ଜଣ ଖୋର୍ଦ୍ଧା ସହର ଆସି ଅଂଶୁଘାତ ମରିଛନ୍ତି, ଆଉ କିଛି ଗ୍ରାମରେ ମରିଛନ୍ତି ଖୋର୍ଦ୍ଧା ଅରବାନ ଏରିଆ ଓ ୧୦ ବ୍ଲକର ଏକ ସର୍ଭେ କରାଯାଉ । ଅନ୍ୟ ଜିଲାରେ କଣ ହେଉଥିବ ଓଡ଼ିଶାରେ ମା ଗଙ୍ଗେ ଇ ଜାଣନ୍ତି । ସତ କିଛି ମିଛ ଖୋର୍ଦ୍ଧା ଜିଲ୍ଲାପାଳ କେ, ସୁଦର୍ଶନ ଚକ୍ରବର୍ତ୍ତୀ, ଯୁବ ଆଇ ,ଏ, ଏସ ,ତଦନ୍ତ କରିବାକୁ ସର୍ବସାଧାରଣ ଦାବି କରୁଛନ୍ତି । ସତ ପତାକୁ ଆସିବ ନିଶ୍ଚିତ ।

ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ଟାସ୍କ ଫୋର୍ସର ଅଚାନକ ଚଢ଼ାଉ

ହୋଟେଲରୁ ସନ୍ଦେହ ଜନକ ଭାବେ ଜଣେ ନିରୀହ ଶିଶୁ ଶ୍ରମିକ ଉଦ୍ଧାର

ବାରିପଦା, ୧୩/୦୬ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଙ୍କ ନିର୍ଦ୍ଦେଶ କ୍ରମେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ମୋନାଲିସା ନାୟକଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଶ୍ରମ ଅଧିକାରୀ ଶ୍ରୀ ଏ. ପି. ମହାମାନସିଂ, ଶୁଚିସ୍ମିତା ପାଣିଗ୍ରାହୀ, ଚାଇଲଡ ଲାଇନର ସଦସ୍ୟ ଅଜୟ କୁମାର ନାୟକ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ନରେନ୍ଦ୍ର ନାଥ ସି ପ୍ରମୁଖଙ୍କୁ ନେଇ ଗଠିତ ଜିଲ୍ଲା ସ୍ତରୀୟ ଶିଶୁ ଏବଂ କିଶୋର ଶ୍ରମିକ ତଦାରଖ ଟାସ୍କ ଫୋର୍ସ ଆଜି ଜିଲ୍ଲା ରେ ବିଭିନ୍ନ ସ୍ଥାନରେ ଅଚାନକ ଚଢ଼ାଉ କରିଥିଲେ । ଏହି ଚଢ଼ାଉ ସମୟରେ ସନ୍ଦେହ ଜନକ ଭାବେ ଗୋଟିଏ ହୋଟେଲ ରୁ ଜଣେ ଶିଶୁ ଶ୍ରମିକ କୁ ଉଦ୍ଧାର କରି ସି .ଡବ୍ଲ୍ୟୁ. ସି. (ଶିଶୁ ମଙ୍ଗଳ ସମିତି)କୁ ଉପଯୁକ୍ତ ଥଇଥାନ ନିମନ୍ତେ ହସ୍ତାନ୍ତର କରିଛନ୍ତି । ପ୍ରଶାସନ ତରଫରୁ ଏହି ପରି ଚଢ଼ାଉ କାର୍ଯ୍ୟକ୍ରମ ଜାରି ରହିବ ଏବଂଶିଶୁ ଶ୍ରମିକ ଙ୍କୁ କାର୍ଯ୍ୟରେ ନିୟୋଜିତ କରୁଥିବା ଦୋଷୀ ଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରକାଶ କରିଛନ୍ତି ।

ଚାରା ଗଛର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଲେ ଯୁବସମାଜ ସେବୀ

ନୀଳଗିରି , ୧୩/୦୬ (ନି.ପ୍ର): ପରିବେଶର ସନ୍ତୁଳନ ରକ୍ଷା ପାଇଁ ବୃକ୍ଷରୋପଣ ଅତ୍ୟନ୍ତ ଆବଶ୍ୟକ । ଏପରସ୍ଥଳେ ସରକାର, ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାଗୁଡ଼ିକ ପରିବେକୁ ସୁନ୍ଦର ଓ ସୁରକ୍ଷା ପ୍ରଦାନ ପାଇଁ ବୃକ୍ଷରୋପଣ କରିବାର ନଜିର ଥିବାବେଳେ ଚାରା ଗଛର ଯନ୍ନେବାକୁ ଭୁଲିଯାଆନ୍ତି । ଏଭଳି ଘଟଣା ନୀଳଗିରି ବ୍ଲକ୍ ସିଆଡିମାଳ ପଞ୍ଚାୟତରେ ଦେଖିବାକୁ ମିଳିଛି । ଗତ ୮ମାସ ତଳେ ସରକାରଙ୍କ ତରଫରୁ ଉକ୍ତ ପଞ୍ଚାୟତର ଚତରସାହି ଶନିଶ୍ଚର ମନ୍ଦିରର ୩କିମି ରାସ୍ତାର ଉଭୟ ପାର୍ଶ୍ୱରେ ପାଖାପାଖି ୧୦୦୦ ଚାରାଗଛ ଲଗାଯାଇଥିଲା । ମାତ୍ର ଗଛଗୁଡ଼ିକର ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବରୁ ଗୋରୁ ଛେଳି ଖାଇଯିବା ଫଳରେ ଅଧାଧିକ ଗଛ ନଷ୍ଟ ହେବାକୁ ବସିଥିଲା । ଏଭଳି ଦୃଶ୍ୟକୁ ଦେଖି କୁମ୍ଭକ୍ଷେତ୍ର ମୁଖ୍ୟ ତଥା ଶିଳ୍ପୀ କେଶୁ ଦାସ ବାବନ୍ଧ ଅଞ୍ଚଳର କିଛି ଯୁବସମାଜସେବୀ ମାନଙ୍କୁ ନେଇ ଗଛଗୁଡ଼ିକର ଯନ୍ନେବାକୁ ଆହ୍ୱାନ ଦେଇଥିଲେ । ଅଞ୍ଚଳର ନିରଞ୍ଜନ ବେହେରା , ଅକ୍ଷୟ ବେହେରା, ସହଦେବ ବେହେରା, ସିଦ୍ଧାର୍ଥ ବେହେରା, ଗୋବିନ୍ଦ ବେହେରା, ମନୋଜ ଦାସ, ରବୀନ୍ଦ୍ର ପରମାଣିକ, ସୁରେନ୍ଦ୍ର ପରମାଣିକ, ନିରଞ୍ଜନ ସେଠୀ ପ୍ରମୁଖ ଗଛଗୁଡ଼ିକର ଯନ୍ନେବାରୁ ଚାରା ଗଛଗୁଡ଼ିକ ପୁନର୍ଜୀବିତ ହୋଇପାରିଛି । ଯୁବକ ମାନଙ୍କର ଏତାଦୃଶ କାର୍ଯ୍ୟକୁ ସରପଞ୍ଚ ସୁରଥ ସିଂ, ସମିତିସଭ୍ୟ ରାଜୀବ ଦାସବାବୁ ସମେତ ଅଞ୍ଚଳବାସି ସାଧୁବାଦ୍ ଜଣାଇଛନ୍ତି ।

୩ ବାଇକ୍ ସହ ୫୦ ହଜାର ଟଙ୍କାର କାଠ ଜବତ : ଜଣେ ଗିରଫ

ଜୟପୁର, ୧୩/୦୬ (ନି.ପ୍ର): ଜୟପୁର ବନାଚଂଳ ତରଫରୁ ପେଟ୍ରୋଲିଂ ବେଳେ ଚୋରା କାଠ ଜବତ କରାଯିବା ସହ ଘଟଣାରେ ଜଣକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା କୁନ୍ଦୁରା ପାଖନାଗୁଡାର ଦାମୋଦର ଦୁରୁଆ । ଜୟପୁର ବନାଚଂଳ ଅଧିକାରି ସଚିଦା ନନ୍ଦ ପରିଡାଙ୍କ ସୂଚନା ଅନୁଯାୟୀ, ଜୟପୁର ବନାଚଂଳ ତରଫରୁ ପେଟ୍ରୋଲିଂ ଚାଲୁଥିବା ବେଳେ ୩ଟି ବାଇକରେ ୬ ଜଣ ବସି ଚୋରା କାଠ ଧରି କୁନ୍ଦୁରା ଠାରୁ ଜୟପୁର ଅଭିମୁଖେ ଆସୁଥିବା ବେଳେ ଚଢଉ କରାଯାଇଛି । ବନ ବିଭାଗ ତରଫରୁ ଘାଟବାଗ୍ରା ନିକଟରେ ଚଢଉ କରାଯାଇଥିବା ବେଳେ ବନ ବିଭାଗ କର୍ମଚାରୀଙ୍କୁ ଦେଖି ୫ ଜଣ କାଠ ଚାଲାଣକାରୀ ଚମ୍ପଟ ମାରିଥିବା ବେଳେ ଜଣକୁ ଗିରଫ କରିବାରେ ସଫଳ ହୋଇଛି ବିଭାଗ । ବନ ବିଭାଗ ଚଢଉ କରି ୧୮ଟି ଶାଳ ସାଇଜ, ୧୪ଟି ବିଜା ପଟା ସହ ୩ଟି ବାଇକକୁ ଜବତ କରିଛି । ଜବତ କାଠର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ବନାଚଂଳ ଅଧିକାରି ଶ୍ରୀ ପରିଡା ସୂଚନା ଦେଇଛନ୍ତି । ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଏହି ଚଢଉରେ ବନାଚଂଳ ଅଧିକାରି ସଚିଦା ନନ୍ଦ ପରିଡା, ଫରେଷ୍ଟର ରଞ୍ଜିତା ନାୟକ, ସୁଶିଳ ମହାନ୍ତି, ଅରୁଣ ଜେନା, ଫରେଷ୍ଟ ଗାର୍ଡ ଅନିଲ ଦାସ, ଗୌତମ ସ୍ୱାଇଁ, ସିଏଚ କାଲୋ କଳ୍ପନା ନାୟକଙ୍କ ସହ ପାରା ଷ୍ଟାଫ ଉପସ୍ଥିତ ଥିଲେ ।

କୃତ୍ରିମ ବୁଦ୍ଧିମତା ଓ ଶିକ୍ଷା ସମ୍ବନ୍ଧୀୟ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ

ଜୟପୁର, ୧୩/୦୬ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁରର ଶିକ୍ଷକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଏକ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳସଚିବ ଡଃ. ଗୋପାଳ ହାଲଦାରଙ୍କ ପ୍ରେରଣା ଓ ମାର୍ଗଦର୍ଶନରେ 'କୃତ୍ରିମ ବୁଦ୍ଧିମତା ଓ ଶିକ୍ଷା ' ବିଷୟବସ୍ତୁ ଉପରେ ଏକ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡଃ. ମନୋରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଭାସୀ ଆଲୋଚନାଚକ୍ରରେ ସହକାରୀ ପ୍ରଫେସର ଲୋକେଶ ପଧାନ ମୁଖ୍ୟବକ୍ତା ଭାବେ କୃତ୍ରିମ ବୁଦ୍ଧିମତାର ସଂଜ୍ଞା, ସ୍ୱରୂପ ଓ ପରିସର ସମ୍ବନ୍ଧରେ ବ୍ୟାପକ ଆଲୋଚନା କରିବା ସହ ଶିକ୍ଷା କ୍ଷେତ୍ରରେ ଏହାକୁ କିପରି ବହୁଳ ଭାବ